

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୮ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 18 MARCH 2024

Vol.No. 35 ■ No.77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇଲେକ୍ଟୋରାଲ ବଣ୍ଡ: ନୂଆ ତଥ୍ୟ ଜାରି କଲେ ନିର୍ବାଚନ ଆୟୋଗ

ନୂଆଦିଲ୍ଲୀ, ୧୭/୩ : ପ୍ରକାଶ ପାଇଲା ନିର୍ବାଚନୀ ବଣ୍ଡର ନୂଆ ତଥ୍ୟ। ରବିବାର ଭାରତୀୟ ନିବାଚନ ଆୟୋଗ ଇଲେକ୍ଟୋରାଲ ବଣ୍ଡ ତଥା ନିର୍ବାଚନୀ ବଣ୍ଡର ନୂଆ ତଥ୍ୟ ସାର୍ବଜନୀନ କରିଛନ୍ତି। ଏହି ତଥ୍ୟକୁ ଏକ ସିଲ୍ ହୋଇଥିବା ଲଫାପାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସୁପ୍ରିମକୋର୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହି ସମସ୍ତ ତଥ୍ୟ ୧୨ ଏପ୍ରିଲ ୨୦୧୯ର ବୋଲି କୁହାଯାଉଛି। ଆୟୋଗ ଗତ ସପ୍ତାହରେ ଉପରୋକ୍ତ ତାରିଖ ପରର ନିର୍ବାଚନ ବଣ୍ଡ ସମ୍ବନ୍ଧୀୟ ବିବରଣୀ ସାର୍ବଜନୀନ କରିଥିଲେ। ନିର୍ବାଚନ ଆୟୋଗ କହିଛନ୍ତି, ୧୨ ଏପ୍ରିଲ ୨୦୧୯ରେ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ ରାଜନୈତିକ ଦଳଗୁଡିକ ସିଲ୍ କଭରରେ ନିର୍ବାଚନ ବଣ୍ଡ ଉପରେ ତଥ୍ୟ ଦାଖଲ କରିଥିଲେ। ଏହା ପରେ ୧୫ ମାର୍ଚ୍ଚ ୨୦୨୪ରେ ସୁପ୍ରିମକୋର୍ଟଙ୍କୁ ନିର୍ଦ୍ଦେଶାନୁସାରେ କୋର୍ଟ ରେଜିଷ୍ଟ୍ରି ଏକ ସିଲ୍ ଲଫାପାରେ ପେନ୍ ଡ୍ରାଇଭରେ ଡିଜିଟାଲ୍ ରେକର୍ଡ ସହିତ ଦସ୍ତାବିଜଗୁଡିକୁ ଫେରସ୍ତ କରିଥିଲା। ଆୟୋଗ ଆଜି ୱେବସାଇଟରେ ନିର୍ବାଚନ ବଣ୍ଡ ସମ୍ବନ୍ଧରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରୁ ଡିଜିଟାଲ୍ ଫର୍ମରେ ପ୍ରାପ୍ତ ତଥ୍ୟ ନିଜ ୱେବସାଇଟ୍‌ରେ ଅପଲୋଡ୍ କରିଛନ୍ତି। ଲୋକ ସଭା ନିର୍ବାଚନ ଘୋଷଣାର ଗୋଟିଏ ଦିନ ପରେ ଆୟୋଗ ଏହି ତଥ୍ୟ ପ୍ରକାଶ କରିଛନ୍ତି। ଏପ୍ରିଲ ୧୯ ତାରିଖରୁ ଜୁନ ୧ ତାରିଖ ମଧ୍ୟରେ ସାତୋଟି ପର୍ଯ୍ୟାୟରେ ନିର୍ବାଚନ ହେବ। ସଦ୍ୟ ପ୍ରକାଶିତ ତଥ୍ୟରେ କେବଳ ବଣ୍ଡର ତାରିଖ, ନାମ, ବଣ୍ଡ ସଂଖ୍ୟା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଶାଖା ପ୍ରଦାନ, ପ୍ରାପ୍ତ ତାରିଖ ଏବଂ ରଣ ତାରିଖର ପ୍ରାଥମିକ ତଥ୍ୟ ଦର୍ଶାଯାଇଛି। ଏହା ବଣ୍ଡର ଅନନ୍ୟ ସଂଖ୍ୟା ପ୍ରକାଶ କରେ ନାହିଁ। ଇଲେକ୍ଟୋରାଲ ବଣ୍ଡ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ରାଜନୈତିକ ଦଳଗୁଡ଼ିକୁ ଏଥିରୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ମିଳିଛି। ଏଥିରୁ ଏକ ବଡ ଭାଗ ଶାସକ ଦଳ ବିଜେପିକୁ ମିଳିଥିଲା। ସୁପ୍ରିମକୋର୍ଟ ଉକ୍ତ ଯୋଜନାକୁ ରଦ୍ଦ କରିଦେବା ବିଜେପି ପାଇଁ ବଡ଼ ଝଟକା। ନିର୍ବାଚନ କମିଶନ ଏବଂ ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପାଖରେ ଥିବା ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ସବୁ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡ ଯୋଜନାରେ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ପାଇଥିବାବେଳେ ସେଥିରୁ କେବଳ ଶାସକ ବିଜେପିର ଭାଗ ଥିଲା ୫୫ ପ୍ରତିଶତ ବା ୬,୫୬୫ କୋଟି ଟଙ୍କା। ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡ଼ିକ ମୋଟ ଚାନ୍ଦାର ୯୦ ପ୍ରତିଶତରୁ ଅଧିକ ଉକ୍ତ ବଣ୍ଡରୁ ପାଇଛନ୍ତି। ତେବେ ମୋଟାମୋଟି ଦେଖିଲେ ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦା ମୋଟ ଆୟର ଅଧାରୁ ଅଧିକ।

## ଦାଦନ ଦୁଃଖ: ୫ ଦିନ ହେଲାଣି ଘରକୁ ଫେରୁନି ମୃତଦେହ

କୋରାପୁଟ , ୧୭/୩ (ନି.ପ୍ର): ଗାଁରେ କାମ ମିଳିଲାନି। ସେଥିପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିଲା ଘରର ଭେଣ୍ଡିଆ ପୁଅ। ହେଲେ କମ୍ପାନୀ ଗାଡ଼ି ଧକ୍କାରେ ପର ରାଇଜରେ ତା'ର ମୃତ୍ୟୁ ହେଲା। ପୁଅ ମୃତ୍ୟୁକୁ ୫ ଦିନ ବିତିଲାଣି। ଆଜି ଯାଏଁ ତା' ମୃତଦେହ ଘରକୁ ଫେରୁନି। ଚିନ୍ତାରେ ପରିବାର ଲୋକେ। ଆଦିବାସୀ ଅଧୁଷିତ କୋରାପୁଟ ଜିଲ୍ଲାରୁ ଆସିଛି ଏପରି ଦୁଃଖଦ ଖବର। ନାରାୟଣପାଟଣା ବ୍ଲକ ବାରି ଗାଁର ମୋହନ ସୁନାମୁଦିଙ୍କ ମୋଝିଆ ପୁଅ ରାଜୀବ ସୁନାମୁଦି। ରାଜୀବ ଦୀର୍ଘ ୬ ମାସ ତଳେ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ସେ ଏକ ନଡ଼ିଆ କାରଖାନାରେ ଶ୍ରମିକ ଭାବେ କମ କରୁଥିଲେ। ସେଥିପାଇଁ ତାଙ୍କୁ ମାସିକ ୧୮ ହଜାର ଟଙ୍କା ଦରମା ମିଳୁଥିଲା। ଯାହା ରୋଜଗାର କରୁଥିଲେ, ଘରକୁ ପଠାଇ ଦେଉଥିଲେ। ଦୁଃଖେ ସୁଖେ ଚଳୁଥିଲେ। ଆଜିକୁ ୫ ଦିନ ତଳେ କମ୍ପାନୀ ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ରାଜୀବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

▶▶ପୃଷ୍ଠା ୭

## ୧୯ ଓ ୨୦ ତାରିଖରେ କାଳବୈଶାଖୀ !

ଭୁବନେଶ୍ୱର, ୧୭/୩ (ନି.ପ୍ର): ଆସନ୍ତା ୧୯ ଓ ୨୦ ତାରିଖରେ ରାଜ୍ୟରେ କିଛି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏଥିସହ ପ୍ରବଳ ବର୍ଷା ଓ କୁଆ ପଥର ମାଡ଼ ମଧ୍ୟ ହେବାର ଅଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରାଯାଇଥିବା ବୁଲେଟିନ୍‌ରେ କୁହାଯାଇଛି, ବଙ୍ଗୋପସାଗର ଉପକୂଳରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୯ ତାରିଖ ଓ ୨୦ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ସେହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ରହିବ। ଏଥିସହ କୁଆପଥର ମାଡ଼ ହେବ। କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସୂଚନାରୁ ପ୍ରକାଶ, ଗତ କିଛି ଦିନ ହେଲା ପାରଦ ଉପର ମୁହାଁ ହୋଇଥିଲା। ଯେଉଁଥିପାଇଁ ତାତିରେ ଆଉଟୁ ପାଉଟୁ ହେଉଥିଲା ପୂରା ଓଡ଼ିଶା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ରାଜ୍ୟ ସରକାର ସତର୍କ ସୂଚନା ଜାରି କରିଥିଲେ। ତେବେ ଗତ ୨ରୁ ୩ ଦିନ ହେଲା ପଶ୍ଚିମାଝଡ଼ର ପ୍ରଭାବରେ ତାତିରେ ଲାଗିଛି ବ୍ରେକ୍। ପାଗ କାଉଁଳିଆ ରହୁଛି। ଏବେ ବଙ୍ଗୋପସାଗର ଉପକୂଳରେ ଏକ ଗୁରୁଚାପ ବଳୟ ସୃଷ୍ଟି ହୋଇଥିବାରୁ ଗରମରୁ ତ୍ରାହି ମିଳିବ ବୋଲି ଆକଳନ କରାଯାଉଛି।

## ଜେଲ୍ ଗଲେ ଏଲଭିଶ ଯାଦବ



ନୂଆଦିଲ୍ଲୀ, ୧୭/୩ : ଜେଲ୍ ଗଲେ ବିଗ୍ ବସ୍ ଓଟିଟି ବିଜେତା ତଥା ଫେମସ ୟୁଟ୍ୟୁବର ଏଲଭିଶ ଯାଦବ। ସାପ ବିଷ ଚାଲାଣ ମାମଲାରେ ଗିରଫ ହୋଇଥିବା ଏଲଭିଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି କୋର୍ଟ। ଆଜି ନୋଏଡା ପୁଲିସ ରେଭ୍ ପାର୍ଟିରେ ସାପ ବିଷ ସପ୍ଲାଏ ମାମଲାରେ ଏଲଭିଶ ଯାଦବଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପ୍ରଥମେ ତାଙ୍କୁ ପଚରାଉଚରା ପାଇଁ ଡକାଯାଇଥିଲା। ଏହାପରେ ତାଙ୍କ ବିରୋଧରେ ପ୍ରର୍ଯ୍ୟାପ୍ତ ପ୍ରମାଣ ମିଳିବା ପରେ

▶▶ପୃଷ୍ଠା ୭

## ଇଡି ଅଧିକାରୀ କହି ଠକୁଥିଲେ: ମାଡ଼ି ବସିଲା କ୍ରାଇମବ୍ରାଞ୍ଚ

ଢେଙ୍କାନାଳ, ୧୭/୩ (ନି.ପ୍ର): ଧରାପଡିଲେ ନକଲି ଇଡି ଅଧିକାରୀ। ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀ ପରିଚୟ ଦେଇ ଲୋକଙ୍କୁ ଠକୁଥିଲେ ଦୁଇ ଭାଇ। ଏଭଳି କିଛି ଅଭିଯୋଗ ଆସିବା ପରେ ଏବେ ଏହି ଦୁଇ ନକଲି ଇଡି ଅଧିକାରୀଙ୍କୁ କ୍ରାଇମ ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଢେଙ୍କାନାଳର ଦୁଇ ଭାଇ ତାରିଣୀ ସେନ ଓ ବ୍ରହ୍ମଶଙ୍କର ମହାପାତ୍ର। ସୂଚନା ମୁତାବକ, ଅଭିଯୁକ୍ତ ଦୁଇ ଭାଇ ନିଜକୁ ଇଡି ଅଫିସର୍ କହି ୩ ଶହ ସରକାରୀ ଅଧିକାରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରେ

▶▶ପୃଷ୍ଠା ୭

## ଅଭୟାରଣ୍ୟରେ ଚାଲିଥିଲା ଅଫିମ ଚାଷ: ନଷ୍ଟ କଲା ପୁଲିସ

ମୟୂରଭଂଜ, ୧୭/୩ (ନି.ପ୍ର): ଅଫିମ ଚାଷର ହବ୍ ପାଲଟିଛି ଶିମିଳିପାଳ ଅଭୟାରଣ୍ୟ। ଏକର ଏକର ଜମିରେ ଚାଲିଛି କୋଟି କୋଟି ଟଙ୍କାର ଅଫିମ ଚାଷ। ଅଭୟାରଣ୍ୟର କୋର୍ ଅଞ୍ଚଳରେ ବର୍ଷ ବର୍ଷ ଧରି ଚାଲିଥିବା ନିଶାଦ୍ରବ୍ୟର ଏହି ଫସଲ ବିଷୟରେ ଜାଣିବା ପରେ ୩ କୋଟି ଟଙ୍କାର ଅଫିମ ନଷ୍ଟ କରିଛି ପୁଲିସ। ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ, ଯଶିପୁର ଥାନା ଫୁଲବାଡ଼ି ଓ ଜୋଜଗୁଡ଼ା ଗାଁରେ ରେଡ୍ କରି ଅଫିମ ଚାଷକୁ ନଷ୍ଟ କରିଛି ପୁଲିସ, ଅବକାରୀ ଓ ବନ ବିଭାଗର ମିଳିତ ଟିମ୍। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୧୦ ତାରିଖରେ ବନବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା ଅଫିମ ଚାଷ ଉପରେ ବଡ଼ ଧରଣର ଚଢାଉ କରିଥିଲା। ଅଭୟାରଣ୍ୟର ବକୁଆ ଏବଂ କୁକୁରଭୁକା ଗାଁରେ ୫ ଲକ୍ଷ ୨୫ ହଜାରରୁ ଅଧିକ ଅଫିମ ଗଛ ନଷ୍ଟ କରିଥିଲେ ଟିମ୍। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ୬୬ ଲକ୍ଷ ହେବ। ସେଦିନ ଜଶିପୁର ରେଂଜ୍ ଜେନାବିଲ, ଖେଜୁରୀ ଏବଂ ଜଜଗଡ଼ାରେ ଅବକାରୀ ଟିମ୍ ଚଢାଉ କରି ୩ ଲକ୍ଷ ୮୫ ହଜାର ଅଫିମ ଗଛ ନଷ୍ଟ କରିଥିଲା।

▶▶ପୃଷ୍ଠା ୭

## ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କଲା ରାଜ୍ୟ ବିଜେପି: ସଂସଦୀୟ କମିଟି ଦେବ ମୋହର

ଭୁବନେଶ୍ୱର, ୧୭/୩ (ନି.ପ୍ର): ନିର୍ବାଚନ ବିଗୁଲ ବାଜୁ ବାଜୁ ବିଜେପି ତା'ର ନିର୍ବାଚନ କସରତ ଆରମ୍ଭ କରିଦେଇଛି। ଗତକାଲି ଭୁବନେଶ୍ୱର ରାଜ୍ୟ ଅଫିସରେ ହୋଇଥିବା ନିର୍ବାଚନ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍ଥିର କରିଛି ବିଜେପି। ନିର୍ଦ୍ଧାରିତ ୧୪୭ ଗଖଇ, ୨୧ ଗଚ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍ଥିର ହୋଇଛି। ଏହି ସମ୍ଭାବ୍ୟ ପ୍ରାର୍ଥୀ ତାଲିକା କେନ୍ଦ୍ର ସଂସଦୀୟ ବୋର୍ଡକୁ ପଠାଯିବ। ଏହି ରିପୋର୍ଟରେ କେନ୍ଦ୍ର ସଂସଦୀୟ ବୋର୍ଡର ଚୂଡ଼ାନ୍ତ ମୋହର ବାଜିବ। ମୋହର ବାଜିବା ପରେ ରାଜ୍ୟ ବିଜେପି ତାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ। ଏହାସହ ବିକଶିତ ଭାରତ ଗଠନ ପାଇଁ ଜନସହଭାଗିତା ଓ ଜନସହଯୋଗ ପାଇଁ ଦେଶବାସୀଙ୍କୁ ମୋଦି ଲେଖିଥିବା ଚିଠିକୁ ରାଜ୍ୟର ୧ କୋଟି ପରିବାର ପାଖରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇଛି ଯୋଜନା। ଗତକାଲି ଭୁବନେଶ୍ୱର ଅଫିସରେ ସବୁ ବରିଷ୍ଠ ନେତାଙ୍କୁ ନେଇ ରାଜ୍ୟ ନିର୍ବାଚନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳେ ପ୍ରଥମେ ରାଜ୍ୟ କୋର୍ କମିଟି ଓ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ହୋଇଥିଲା। ଏହି ବୈଠକରେ ୨୦୨୪ ନିର୍ବାଚନ ଏକମାତ୍ର ଫୋକସ୍ ଥିଲା। ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସବୁ ବିଧାନସଭା ଓ ଲୋକସଭା ପାଇଁ ରାଜ୍ୟ ବିଜେପି ପ୍ରାର୍ଥୀ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି। ଏହାର ସବିଶେଷ ରିପୋର୍ଟ କେନ୍ଦ୍ରୀୟ ସଂସଦୀୟ ବୋର୍ଡକୁ ପଠାଯିବ। ଏହା ସହିତ ବୈଠକରେ ମୋଦି ସରକାରର ୧୦ ବର୍ଷର ସଫଳତାକୁ ଘରେ ଘରେ ପହଞ୍ଚାଇବ, ଏ ସଂପର୍କରେ ଲୋକଙ୍କର ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଜଙ୍ଗଲରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ

ବୌଦ୍ଧ, ୧୭/୩ (ନି.ପ୍ର): ବୌଦ୍ଧ ଜିଲ୍ଲା ଡ଼ିମିରିଖୋଲ ଗ୍ରାମ ନିକଟସ୍ଥ ବିଡ଼ାମାସ୍କା ଜଙ୍ଗଲରୁ ୧୫୬୦ କେଜିର ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଛପନ ଲକ୍ଷ ଟଙ୍କା ହେବ। ବିଡ଼ାମାସ୍କା ଜଙ୍ଗଲରେ ଗଞ୍ଜେଇ ବସ୍ତା ଥିବା ବୌଦ୍ଧ ଏସପି ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ବୌଦ୍ଧ ଆଦର୍ଶ ଥାନା ଅଧକାରୀ ରଞ୍ଜିତ କୁମାର ମୁନୀଙ୍କ ନେତୃତ୍ୱରେ ଏକ ଟିମ୍ ବିଡାମାସ୍କା ଜଙ୍ଗଲରେ ଚଢ଼ଉ କରିଥିଲେ। ଚଢଉ ସମ୍ପର୍କରେ ଜାଣିପାରି ଗଞ୍ଜେଇ ମାଫିଆମାନେ ଚମ୍ପଟ୍ ମାରିଥିଲେ। ଚଢଉ ସମୟରେ ଜଙ୍ଗଲରୁ ୧୫୬୦ କେଜିର ଗଞ୍ଜେଇ ଜବତ ହୋଇଥିଲା। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ଏକ କୋଟି ଛପନ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜବତ ହୋଇଥିବା ଗଞ୍ଜେଇ କିଏ ଓ କେଉଁଠୁ ଆଣିଥିଲେ, ତାହା ଜଣାପଡ଼ିନାହିଁ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଆଠ ଥର ଫାଙ୍କିବା ପରେ ପୁଣି କେଜ୍ରିୱାଲଙ୍କୁ ଡକାଇଲା ଇଡି

ନୂଆଦିଲ୍ଲୀ, ୧୭/୩ : ଦିଲ୍ଲୀ ଅବକାରୀ ନୀତିରେ ଘୋଟାଲା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ପଠାଇଛି। କେଜ୍ରିୱାଲ ବାରମ୍ବାର ଇଡିର ସମନକୁ ଏଡାଇ ଚାଲିଥିବା ବେଳେ ନବମ ଥର ପାଇଁ ସମନ ଜାରି କରିଛି ଇଡି। ଜେରା ପାଇଁ ଆସନ୍ତା ୨୧ ତାରିଖରେ କାର୍ଯ୍ୟାଳୟରେ ହାଜର ହେବାକୁ କେଜ୍ରିୱାଲଙ୍କୁ କାର୍ଯ୍ୟାଳୟକୁ ଡକାଇଛି। ଏହା ପୂର୍ବରୁ ଇଡି କେଜ୍ରିୱାଲଙ୍କୁ ୮ ଥର ସମନ ପଠାଇ ସାରିଛି। କିନ୍ତୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏହି ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ହାଜର ହେଉନାହାନ୍ତି। ଫଳରେ ଏହାକୁ ନେଇ ଇଡି ଅଧିକାରୀ କୋର୍ଟରେ ହାଜର ହୋଇଥିଲେ। କେଜ୍ରିୱାଲଙ୍କ ବିରୁଦ୍ଧରେ ଦୁଇଟି ଅଭିଯୋଗ କରିଥିଲା ଇଡି। କେଜ୍ରିୱାଲ ବାବମ୍ବାର ସମନ ଏଡାଇ ଚାଲିଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା। ଗତକାଲି ରାଉଜ୍ ଆଭେନ୍ୟୁ କୋର୍ଟ ଏ ଉପରେ ବିଚାର କରିଥିଲେ। ଶୁଣାଣି ସମୟରେ କେଜ୍ରିୱାଲ ଇଡିରେ ହାଜର ନ ହେବାକୁ ନେଇ କାରଣ ଦର୍ଶାଇଥିଲେ।

## ନିର୍ବାଚନ ପୂର୍ବରୁ କେସିଆରଙ୍କୁ ଝଟ୍‌କା: ରେବନ୍ତଙ୍କ ହାତ ଧରିଲେ ବିଆରଏସ ସାଂସଦ

ନୂଆଦିଲ୍ଲୀ, ୧୭/୩ : ଲୋକସଭା ନିର୍ବାଚନ ପୂର୍ବରୁ ଦଳ ଡିଆଁ ରାଜନୀତି। ଆରମ୍ଭ ହୋଇଗଲାଣି ନେତାଙ୍କ ଇସ୍ତଫା। ଗୋଟିଏ ଦଳ ଛାଡି ଅନ୍ୟ ଦଳରେ ମିଶିଲେଣି। ତେଲେଙ୍ଗାନାରେ ମଧ୍ୟ ଏଭଳି କିଛି ମାମଲା ସାମ୍ନାକୁ ଆସିଛି। ଲୋକସଭା ନିର୍ବାଚନ ପୂର୍ବରୁ କେସିଆର(କେ. ଚନ୍ଦ୍ରଶେଖର ରାଓ) ଙ୍କ ଦଳ ବିଆରଏସ୍‌କୁ ଲାଗିଛି ବଡ ଝଟ୍‌କା। ବିଆରଏସ୍ ସାଂସଦ ରଞ୍ଜିତ ରେଡ୍ଡୀ ଦଳରୁ ଇସ୍ତଫା ଦେଇଛନ୍ତି। ସେ ବିଆରଏସ୍ ଛାଡିବା ପରେ କଂଗ୍ରେସର କାନି ଧରିଛନ୍ତି। ସେ ବିଧିବଦ୍ଧ ଭାବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଏଆଇସିସି ପ୍ରଭାରୀ ଦାୟିତ୍ୱରେ ଥିବା ଦୀପଦାସ ମୁନ୍ସିଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। ସୂଚନାନୁସାରେ ରଞ୍ଜିତ ରେଡ୍ଡୀ ଚେଭେଲା ଲୋକସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ବିଆରଏସରୁ ଇସ୍ତଫା ଦେବା ପରେ ସେ କହିଛନ୍ତି ଯେ ମୁଁ ମୋର ସମସ୍ତ ସମର୍ଥକ ଏବଂ ଲୋକଙ୍କୁ ଜଣାଇବାକୁ ଚାହୁଁଛି ଯେ ମୁଁ ମୋର ଆନୁଷ୍ଠାନିକ ଇସ୍ତଫା ପତ୍ର ଇଜଝରେ ଦାଖଲ କରିଛି। ମୁଁ ବିଆରଏସ ଦଳକୁ କୃତଜ୍ଞତା ଜଣାଉଛି ଯେ ଦଳ ମୋତେ ଚେଭେଲା ସଂସଦ ନିର୍ବାଚନମଣ୍ଡଳୀରେ ସେବା କରିବାର ସୁଯୋଗ ଦେଇଛି। ଆଉ ଏ ଅଞ୍ଚଳର ଲୋକମାନେ ମଧ୍ୟ ମୋତେ ସମର୍ଥନ କରିଛନ୍ତି। ରାଜନୈତିକ ପରିସ୍ଥିତି ହେତୁ ମୁଁ ମୋର ଇସ୍ତଫା ଦାଖଲ କରିବାକୁ ଏଭଳି କଷ୍ଟଦାୟକ ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି ରଞ୍ଜିତ। ରାଜନୈତିକ ପରିସ୍ଥିତି ଯୋଗୁ ସେ ଦଳରୁ ଇସ୍ତପା ଦେଇଥିବା କହିଛନ୍ତି।

# ସେଂଟ୍ ଜନ ଆମ୍ବୁଲାନ୍ସର କାର୍ଯ୍ୟନିର୍ବାହୀ ବୈଠକ

ଭୁବନେଶ୍ୱର, ୧୭/୩ (ନି.ପ୍ର): ସେଂଟ୍ ଜନ ଆମ୍ବୁଲାନ୍ସ ଦେଶରେ ପ୍ରାଥମିକ ଚିକିତ୍ସା ପ୍ରଦାନରେ ଅଗ୍ରଣୀ ଭୂମିକା ନେବା ସହ ଏକ ରୋଲ୍ ମଡେଲ୍ ଭାବରେ ପରିଗଣିତ। ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠା ଓ ସମର୍ପଣ ମନୋଭାବ ବାସ୍ତବିକ ପ୍ରଶଂସନୀୟ। ବିଶେଷ କରି ପ୍ରାଥମିକ ଚିକିତ୍ସା ସେବା, ପ୍ରଶିକ୍ଷଣ ଓ ଆପତ୍‌କାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନରେ ସଂଗଠନର କାର୍ଯ୍ୟ ବେଶ୍ ପ୍ରେରଣାଦାୟୀ । ପ୍ରାଥମିକ ଚିକିତ୍ସା ସେବାର ବିଶେଷ ଗୁରୁତ୍ୱ ରହିଛି। ପ୍ରତ୍ୟେକ ବିଶେଷତଃ ଯୁବଗୋଷ୍ଠୀ ଏ ବିଷୟରେ ପ୍ରଶିକ୍ଷିତ ହେବା ଦରକାର। ସେବା ଓ ପ୍ରଶିକ୍ଷଣ ପରିସରକୁ ଆହୁରି ପ୍ରସାରିତ କରିବାକୁ ରାଜ୍ୟପାଳ ରଘୁବର ଦାସ ସେଂଟ୍ ଜନ ଆମ୍ବୁଲାନ୍ସ ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକରେ ସଭାପତିତ୍ୱ କରି ପ୍ରକାଶ କରିଛନ୍ତି। ଶନିବାର ରାଜଭବନଠାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ ବୈଠକରେ ସେଂଟ୍ ଜନ ଆନୁକୂଲ୍ୟର ଲକ୍ଷ୍ୟ ଓ ଆଦର୍ଶର ପରିପୂରଣ ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହାକୁ ମଧ୍ୟ ଆହୁରି କ୍ରିୟାଶୀଳ ଓ ସମୟ ଉପଯୋଗୀ କରିବାକୁ ରାଜ୍ୟପାଳ ପରାମର୍ଶ ଦେବା ସହ ସଂଗଠନର କାର୍ଯ୍ୟକୁ ଆହୁରି ସଶକ୍ତ କରିବାକୁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ଓ ସମର୍ଥନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଂଟ୍ ଜନ ଆମ୍ବୁଲାନ୍ସର ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ବର୍ତମାନର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟ ପନ୍ଥା ସଂପର୍କରେ ସୂଚନା ଦେଇଥିଲେ । ଅନୁଷ୍ଠାନର ଅବୈତନିକ ସଚିବ ନିଧି କୁମାର ରାଉତରାୟ ବିବରଣି ଉପସ୍ଥାପନ କରିବା ସହ ବିଭିନ୍ନ ପ୍ରସଂଗ ସଂପର୍କରେ ବିଷଦ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଆସନ୍ତା ବର୍ଷର ବଜେଟ୍ ଅନୁମୋଦିତ ହୋଇଥିଲା।

ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ଅଗ୍ନିଶମ ତଥା ହୋମଗାର୍ଡର ମହାନିର୍ଦ୍ଦେଶକ ତଥା ସେଂଟ୍ ଜନ ଆମ୍ବୁଲାନ୍ସର ଉପାଧ୍ୟକ୍ଷ ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ, ରାଜ୍ୟପାଳଙ୍କ ପ୍ରମୁଖ ଉପଦେଷ୍ଟା ସନ୍ତୋଷ କୁମାର ଶତପଥୀଙ୍କ ସମେତ କାର୍ଯ୍ୟ ନିର୍ବାହୀ କମିଟିର ସଦସ୍ୟ ତଥା ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ବେଆଇନ ବାଛୁରୀ ଚାଲାଣ ମାମଲା : ଟ୍ରକ୍ ଚାଳକ ଗିରଫ

କୋରାଇ, ୧୭/୩ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ବେଆଇନ ବାଛୁରୀ ଚାଲାଣ ଅଭିଯୋଗରେ ଟ୍ରକର ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣକ କଟକ ଚୌଦ୍ୱାରର ସେକ ଅବଦୁଲ କମିରମଙ୍କ ପୁଅ ସେକ ସୁଲତାନ ବୋଲି ପୁଲିସ ପ୍ରକାଶ କରିଛି ।

ପ୍ରକାଶଯେ, ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଷଣ୍ଢ ଓ ବାଛୁରୀ ବେଆଇନ ଚାଲାଣ ହେଉଥିବା ବେଳେ ଗତ ଫେବୃଆରୀ ୩ ତାରିଖ ଏକ ବେଆଇନ ବାଛୁରୀ ଚାଲାଣ ବେଳେ ପୁଲିସ ପେଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଯିବା କାରଣରୁ ବାଛୁରୀ ବୋଝେଇ ହୋଇଥିବା ଗାଡ଼ିକୁ ଛାଡ଼ି ଜାଳକ ଫେରାର ହୋଇଯାଇଛି। ପୁଲିସ ସାନ୍ଧ୍ୟକାଳୀନ ପେଟ୍ରୋଲିଂ କରୁଥିବା ବେଳେ ସାହାପୁର ପୋଲ ଉପରେ ଏକ ପିକଅପ ଭ୍ୟାନ (ଓଡ଼ି୦୫ଏଏ'୧୫୬୨) ରେ କୁଆଖିଆ ଆଡ଼କୁ ଯାଉଥିବାର ଦେଖି ଅଟକାଇଥିଲା। ମାତ୍ର ଭ୍ୟାନଟି କିଛି ବାଟ ଦୂରରେ ଅଟକିବା ପରେ ଚାଳକ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇ ଯାଇଥିଲା। ପରେ ପୁଲିସ ଉକ୍ତ ଭ୍ୟାନଟି ରେ ଆଠଟି ବାଛୁରୀ ଦୟନୀୟ ଅବସ୍ଥାରେ ବନ୍ଧା ହେଇଥିବା ଦେଖି ଥାନାକୁ ଆଣିବା ସହିତ ବାଛୁରୀ ଗୁଡ଼ିକୁ ମୁକ୍ତ କରିଥିଲା। ପରେ ଭ୍ୟାନଟିକୁ ଜବତ କରିବା ସହିତ ବାଛୁରୀ ଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଥିଲା। ଏହି ଏକ ମାମଲା ୭୩/୨୪ ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଆଜି ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏସଆଇ ସ୍ମୃତି ମଂଜରୀ ବଡଜେନା ପ୍ରକାଶ କରିଛନ୍ତି ।

# ଏକାମ୍ର ହାଟଠାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୭/୩ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୪ ଭୁବନେଶ୍ୱର ସ୍ଥିତ ଏକାମ୍ର ହାଟ ଠାରେ ଆୟୋଜନ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ତନ୍ତବାୟ ସମିତି/ ସ୍ୱୟଂ ସହାୟକ ଗୋଷ୍ଠୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି କରି ବୁଣାକାରଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପୋହି-୨୦୨୩-୨୪ ଯୋଜନାରେ ଏହା ଅନୁଷ୍ଠିତ ହୋଇଛି । ଏହି ମେଳାକୁ ପ୍ରଣତି ଛୋଟରାୟ, ନିର୍ଦ୍ଦେଶକ, ବୟନ ଓ ହସ୍ତତନ୍ତ, ଓଡ଼ିଶାଙ୍କ ଦ୍ୱାରା ଶନିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଉତ୍ସବରେ ଶ୍ରୀମତୀ ମମତା ନାୟକ, ଯୁଗ୍ମ ସଚିବ, ଶ୍ରୀମତୀ ବୀଣାପାଣି ନାୟକ, ବିତ ଉପଦେଷ୍ଟା ତଥା ଯୁଗ୍ମ ସଚିବ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ, ହୃଷିକେଶ ମାହାଲି, ପରିଚାଳନା ନିର୍ଦ୍ଦେଶକ, ସମ୍ବଲପୁରୀ ବସ୍ତ୍ରାଳୟ, ଦେବଜୀତ ନନ୍ଦି, ଯୁଗ୍ମ ନିର୍ଦ୍ଦେଶକ, ବୟନଶିଳ୍ପ, ଭୁବନେଶ୍ୱର, ଓ ହେମନ୍ତ କୁମାର ମିଶ୍ର, ବାଣିଜ୍ୟ ଅଧିକାରୀ, ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ ଉପସ୍ଥିତ ଥିଲେ । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ, କଟକ, ସୋନପୁର, ଆଠଗଡ, ବାରିପାଦା, ବାଲେଶ୍ୱର, ପାଟଣାଗଡ, ନୟାଗଡ, ଖୋର୍ଦ୍ଧା, କୋରାପୁଟ ଓ ବୌଦ୍ଧ ବୟନ ମଣ୍ଡଳମାନଙ୍କରୁ ୩୩ଗୋଟି ତନ୍ତବାୟ ସମିତି/ ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାର ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରିବାପାଇଁ ଯୋଗଦାନ କରିଛନ୍ତି । ଏଥି ସକାଶେ ସେମାନଙ୍କୁ ୩୪ଗୋଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି । ଏହି ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲୁରହିବ।

# ମେଡିକାଲ୍ କଲେଜ୍ ପାଇଁ ରାସ୍ତାରେ ଅଭିନବ ପ୍ରତିବାଦ: ଦଣ୍ଡ ମାରି, ଆଣ୍ଠେଇ ଆଣ୍ଠେଇ ଶୋଭାଯାତ୍ରା

ଜଗତସିଂହପୁର, ୧୭/୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବିରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ଆନ୍ଦୋଳନକାରୀମାନେ ରାସ୍ତାରେ ଦଣ୍ଡ ମାରି, ଆଣ୍ଠେଇ ଆଣ୍ଠେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ କିଛି ସମୟ ନାରାବାଜି କରିଥିଲେ। ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନ ଚାଲିଥିବା ବେଳେ ଦୁଇ ଜଣ ଆନ୍ଦୋଳନକାରୀ ଅଚେତ ହୋଇପଡ଼ିଥିଲେ। ଦେବୀ ପ୍ରସାଦ ମହାରଣା ଓ ପ୍ରମୋଦ କୁମାର ଦାସଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ପୂର୍ବାହ୍ନ ପ୍ରାୟ ୧୦ଟାରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଥାନା ଛକ ନିକଟରୁ ଅଭିନବ ଉପାୟରେ ଶୋଭାଯାତ୍ରା ବାହାରିଥିଲା। ଆନ୍ଦୋଳନକାରୀମାନେ ମୁଖ୍ୟ ରାସ୍ତାରେ ଆଣ୍ଠେଇ, ଦଣ୍ଡ ମାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଜିଲ୍ଲାର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନଜୀବୀ, ସାଧାରଣ ନାଗରିକ ପ୍ରମୁଖ ସାମିଲ ହୋଇ ମେଡିକାଲ କଲେଜ୍ ପ୍ରତିଷ୍ଠା ଦାବି କରିଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ପୂର୍ବରୁ ସମାନ ଦାବିନେଇ ଜଗତସିଂହପୁର ସହର ବନ୍ଦ କରାଯାଇଥିଲା। କିଛିଦିନ ପୂର୍ବରୁ ଜଗତସିଂହପୁର ପୌରାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳ ବାଇକ୍ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ ମାସ ହେଲା ଏହି ଆନ୍ଦୋଳନ ଜାରି ରହିଛି। ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ଆଇନଜୀବୀ ବାସୁଦେବଙ୍କ କହିବା ଅନୁସାରେ, ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦାବିପତ୍ର ଦିଆଯାଇଛି। କିନ୍ତୁ କେହି ଶୁଣୁନାହାନ୍ତି। ଯାହାଫଳରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଲୁ। ବିଶେଷ କରି ଆଜିର ଆନ୍ଦୋଳନ ଜନପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ବିଧାୟକ, ସାଂସଦମାନେ ମେଡିକାଲ୍ କଲେଜ୍, ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ସରକାରୀ ଡିଗ୍ରି କଲେଜ୍ ଭଳି ପ୍ରସଙ୍ଗକୁ ବିଧାନସଭା କିମ୍ବା ଲୋକସଭାରେ ଉଠାଉ ନାହାନ୍ତି। ଜନପ୍ରତିନିଧିଙ୍କ ଉଦାସୀନତା ପାଇଁ ଆଜି ଜିଲ୍ଲା ବିକଳାଙ୍ଗ ହୋଇଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷାକ୍ଷେତ୍ରରେ ଯଥେଷ୍ଟ ପଛରେ ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି।

## ପେନସନ ପୋକ୍ସେସନ ଦାବିରେ ସାମ୍ବାଦିକଙ୍କ ପ୍ରତିବାଦ

କେନ୍ଦ୍ରାପଡ଼ା, ୧୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାମ୍ବାଦିକ ୟୁନିଅନ ଓ.ୟୁ.ଜେ. ନିର୍ଦ୍ଦେଶରେ ସାମ୍ବାଦିକମାନଙ୍କୁ ପେନସନ ଓ ପ୍ରୋକ୍ସେସନ ଦାବିରେ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି । ସରକାର ସବୁ ଶ୍ରେଣୀର ଲୋକମାନଙ୍କୁ ସହୟତାର ଯୋଜନା ଉପରେ ଯୋଜନା କରି ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଏଥିରୁ ବଂଚିତ ହୋଇଛନ୍ତି । ଏହାର ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ସାମ୍ବଦିକ ୟୁନିଅନର ସଦସ୍ୟମାନେ ଆଜି କଳାବ୍ୟାଚ ପରିଧ୍ୟାନ କରି କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ, ସୁବାସ, ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନିଜର ହକ ପାଇଁ ପ୍ରତିବାଦ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୟୁନିଅନର ସଭାପତି ପରେଶ ଦାସ, କେନ୍ଦ୍ରାପଡା ନଗର ଓ ବ୍ଲକ ସଭାପତି ରବି ନାରାୟଣ ପତି, ଗରଦପୁର ବ୍ଲକ ସଭାପତି ସୁବାସ ସାମଲ, ଦୁର୍ଗା ପ୍ରସାଦ ପତି, ସାବିର ଖାନ, ଆଶିଷ ସେନାପତି, ପ୍ରଫୁଲ୍ଲ ସାହୁ, ନିଳାଦ୍ରୀ ଭୂଷଣ ତ୍ରିପାଠୀ, ସେଖ ଅଞ୍ଜନ, ଡେରାବିଶ ବ୍ଲକ ସଭାପତି କରୁଣାକର କର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜ୍ୟୋତିମୟ ଜେନା, ଜିଲ୍ଲା ସଂଗଠନ ସମ୍ପାଦକ ଧିରେନ ମିଶ୍ର, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇ ପ୍ରତିବାଦ କରିଥିଲେ ।

# ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଅନଶନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୧୭/୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଭେଣ୍ଡିଂଜୋନ ଦୋକାନ ପାଇଁ ଅନଶନରତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଦାବିକୁ ଛାତ୍ର କଂଗ୍ରେସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ଶନିବାର ସେଠାରେ ଆନ୍ଦୋଳନ କରିଛି। ଦୁଇ ନମ୍ବର ମାର୍କେଟ ବିଲ୍ଡିଙ୍ଗ ଠାରେ ଉଠା ଦୋକାନ ପକାଇ ଜୀବନ ଜୀବିକା ଅର୍ଜନ କରୁଥିବା ଦୃଷ୍ଟି ବାଧିତ ଦିବ୍ୟାଙ୍ଗମାନଙ୍କୁ ଦୁର୍ବ୍ୟବହାର କରି ସେମାନଙ୍କୁ ସେଠାରୁ ତଡ଼ି ଦିଆଯାଇଥିଲା। ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ଏହି ଦିବ୍ୟାଙ୍ଗମାନେ ଭୋକ ଉପାସରେ କାଳ କାଟୁଥିଲେ। ସେମାନେ ରୋଜଗାର ପାଇଁ ଭେଣ୍ଡି ଜୋନରେ ଦୋକାନ ପାଇବାକୁ ଉଭୟ ମହାନଗର ନିଗମ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ ହେଲେ ରାଜ୍ୟ ସରକାର କି ମହାନଗର ନିଗମ କର୍ତ୍ତୃପକ୍ଷ ଏମାନଙ୍କର କରୁଣ ଚିତ୍କାରକୁ କର୍ଣ୍ଣପାତ କରିନଥିଲେ। ଏହି ଆନ୍ଦୋଳନ ଅବସରରେ କଂଗ୍ରେସର ନେତୃବର୍ଗ ଏବଂ ଆନ୍ଦୋଳନରତ ଦିବ୍ୟାଙ୍ଗମାନେ ବିଏମସି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ କିଛି ପ୍ରତିନିଧି ନିର୍ଦ୍ଦିଷ୍ଟ ଦାବି ସହ ଯାଇ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଏହି ଦିବ୍ୟାଙ୍ଗ ମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ, ପିସିସି ସାଧାରଣ ସଂପାଦକ ପ୍ରକାଶ ମିଶ୍ର, ମୁଖପାତ୍ର ରଜନୀ ମହାନ୍ତି, ଗଣେଶ ଦାସ, ଆରତୀ ମାହାଲା, ବ୍ରହ୍ମାନନ୍ଦ ସାହୁ ଉପସ୍ଥିତ ଥିଲେ।

# ବିଲୁପ୍ତପ୍ରାୟ ଘୋଡ଼ାହାଡ଼: ଦିନରାତି ବାଲି ଲୁଟ୍ ଯୋଗୁ ନଦୀର ଦିଗ ପରିବର୍ତ୍ତନ

ପାଟପୁର, ୧୭/୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍‌ର ଜୀବନରେଖା ଭାବେ ପରିଚିତ ଘୋଡ଼ାହାଡ଼ ନଦୀ ବିପଦରେ। ଗୋଟିଏ ପଟେ ଅହରହ ବାଲି ଉତ୍ତୋଳନ ଯୋଗୁ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ବେଳେ ଅନ୍ୟପଟେ ବର୍ଷାଭାବ ଯୋଗୁ ଡ୍ୟାମ୍ ଶୁଖିଲା। ମାର୍ଚ୍ଚ ପହିଲାରୁ ହିଁ ଘୋଡ଼ାହାଡ଼ ନଦୀଶଯ୍ୟାରେ ଜଳଧାର ଶୁଖି କାଶତଣ୍ଡି ସମେତ ଅନ୍ୟାନ୍ୟ ଅନାବନା ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ସାରିଛି। ଫଳରେ ନଦୀ ପାର୍ଶ୍ୱବର୍ତ୍ତୀ ୫ରୁ ୭ କିଲୋମିଟର ମଧ୍ୟରେ ଅବସ୍ଥିତ ଗାଁ ଗୁଡ଼ିକରେ ପିଇବା ପାଣି ସମସ୍ୟା ଏବେଠୁ ଉତ୍କଟ ରୂପ ଧାରଣ କରିଛି। କେବଳ ଏତିକି ନୁହେଁ, ଭୂତଳ ଜଳସ୍ତର କମି ଚାଲିବା କାରଣରୁ ପୋଖରୀ ଓ ଗାଡ଼ିଆ ସବୁ ଶୁଖିଲା ପଡ଼ିଛି, ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ବନ୍ୟଜନ୍ତୁ ମଧ୍ୟ ସଂକଟରେ। ସାନଖେମୁଣ୍ଡି ବ୍ଲକ୍‌ର ଶତାଧିକ ଗ୍ରାମବାସୀ ଘୋଡ଼ାହାଡ଼ ନଦୀ ଉପରେ ନିର୍ଭରଶୀଳ। ବିଭିନ୍ନ ଜଳଯୋଗାଣ ପ୍ରକଳ୍ପ ଜରିଆରେ ଏହି ନଦୀରୁ ପିଇବା ପାଣି ଯୋଗାଣ ହେଉଛି। ଏହାସହ ଜମିକୁ ଜଳସେଚନ ଦିଗରେ ମଧ୍ୟ ଏହି ନଦୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ବର୍ତ୍ତମାନ ନଦୀ ଶୁଖିଯିବାରୁ ସ୍ଥିତି ଚିନ୍ତାଜନକ ପାଲଟିଛି। ସେହିପରି ବର୍ଷା ଅଭାବରୁ ଗଲା ଖରିଫ୍ ଋତୁରେ ଚାଷୀ ବିକଳ୍ପ ଭାବେ ପୋଖରୀ ଓ ଗାଡ଼ିଆର ପାଣିକୁ ଧାନଚାଷ ପାଇଁ ବ୍ୟବହାର କରିଥିଲା। କିନ୍ତୁ ତାହା ବି ଶୁଖିଲା ପଡ଼ିଥିବାରୁ ବନ୍ୟଜନ୍ତୁଙ୍କ ସମେତ ଗୃହପାଳିତ ପଶୁଙ୍କ ପାଇଁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଘୋଡ଼ାହାଡ଼ ନଦୀ ନିକଟସ୍ଥ ଗୁମ୍ଫା, ମୌଳାଭଞ୍ଜା, ତିଳେଶ୍ୱର, ସୁମନ୍ତପୁର, ପଲାସପୁର, ଆମ୍ବଗାଁ, ଭାଲିଆଝୋଳା, ପାଟପୁର, ଏରେଣ୍ଡ୍ରା, ଖଲିଙ୍ଗି, ଜଲମରା ଓ ସାହାସପୁର ଗ୍ରାମ ହେଉଛି କୃଷ୍ଣସାର ମୃଗ ଏବଂ ବାରହାଙ୍କ ସମେତ ବିଭିନ୍ନ ପଶୁଙ୍କ ବାସସ୍ଥଳୀ। ପାଣି ପାଇଁ ସେମାନେ ନଦୀ, ପୋଖରୀ ଓ ଗାଡ଼ିଆ ଉପରେ ନିର୍ଭରଶୀଳ। ବର୍ତ୍ତମାନ ଜଳାଶୟରେ ପାଣିର ଅଭାବ ଓ ଘୋଡ଼ାହାଡ ନଦୀରେ ଜଳର ଧାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହିପରି ସୁମନ୍ତପୁର ଓ ହରିଣା ନିକଟ ପାହାଡ଼ରେ ବହୁ ସଂଖ୍ୟାରେ ବାରହା ଓ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ରହିଥିବାରୁ ସେମାନେ ଘୋଡ଼ାହାଡ଼ ନଦୀକୁ ଆସିଥା'ନ୍ତି।

## ନାବାଳିକା ଅପହରଣ ଅଭିଯୋଗ

କୋରାଇ, ୧୭/୩ (ନି.ପ୍ର): ଏକ ନାବାଳିକା ଅପହରଣର ଅଭିଯୋଗ ପାଣିକୋଇଲି ଥାନାରେ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା (ସଠିପୁର)ଗ୍ରାମର ସନାତନ ମାଝୀଙ୍କ ପୁଅ ନିରଂଜନ ମାଝୀଙ୍କ ଅଭିଯୋଗ ଅନୁଯାଇ ପ୍ରତିଦିନ ପରି ସେ ଇଟାଭାଟିକୁ କାମ କରିବାକୁ ଯାଆନ୍ତି। ଗତ ୧୩ ତାରିଖ ସେ ଇଟାଭାଟିକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ମଧ୍ୟ ମନ୍ଦିର ଯାଇଥିଲେ । ଘରେ ତାଙ୍କର ଏକ ନାବଳିକା ରଶ୍ମିତା (୧୭) (ଛଦ୍ମନାମ) ଘରେ ଥିଲା । ଏହାର ସୁଯୋଗରେ ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ କୁଲଣା ଗ୍ରାମର କାଳିଆ ସେଠୀଙ୍କ 

# ନିଜ ଝିଅକୁ ସାହସୀ ଓ ସଫଳ କରାଇବା ପାଇଁ ଜଣେ ବାପାର ୭ଟି ଭୂମିକା

ପ୍ରାୟତଃ ଝିଅମାନଙ୍କର ଲାଳନପାଳନର ଦାୟିତ୍ୱ ମା'ଙ୍କ ଉପରେ ପଡିଥାଏ । ଆଜିକାଲି କିନ୍ତୁ ସମୟ ବଦଳିଯାଇଛି । ଝିଅମାନଙ୍କର ସାମଗ୍ରିକ ବିକାଶ ପାଇଁ ବାପାଙ୍କ ଭୂମିକା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ଖାଲି ମା' ନୁହେଁ, ବାପା ଯଦି ଝିଅର ଯତ୍ନ ନେବାରେ ସକରାତ୍ମକ ଭାବେ ସହଯୋଗ କରିବେ ତେବେ ଝିଅଟି ମଧ୍ୟ ବିକାଶରେ ବହୁ ଆଗକୁ ଯାଇପାରିବ ।

ପ୍ରାୟତଃ ଝିଅମାନଙ୍କର ଲାଳନପାଳନର ଦାୟିତ୍ୱ ମା'ଙ୍କ ଉପରେ ପଡିଥାଏ । ଆଜିକାଲି କିନ୍ତୁ ସମୟ ବଦଳିଯାଇଛି । ଝିଅମାନଙ୍କର ସାମଗ୍ରିକ ବିକାଶ ପାଇଁ ବାପାଙ୍କ ଭୂମିକା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ଖାଲି ମା' ନୁହେଁ, ବାପା ଯଦି ଝିଅର ଯତ୍ନ ନେବାରେ ସକରାତ୍ମକ ଭାବେ ସହଯୋଗ କରିବେ ତେବେ ଝିଅଟି ମଧ୍ୟ ବିକାଶରେ ବହୁ ଆଗକୁ ଯାଇପାରିବ ।

ଏଠାରେ ଆମେ କହୁଛୁ ଯେ ଜଣେ ବାପାର ଭୂମିକା ଝିଅମାନଙ୍କ ବ୍ୟକ୍ତିତ୍ୱ ଉପରେ କେତେ ପ୍ରଭାବ ପକାଇଥାଏ ଏବଂ ଜଣେ ବାପା ଝିଅକୁ ଜଣେ ଉନ୍ନତ ତଥା ସଫଳ ବ୍ୟକ୍ତି କରିବାରେ କିପରି ଏକ ବିଶେଷ ଭୂମିକା ଗ୍ରହଣ କରିପାରିବ । ତେବେ ଝିଅର ଲାଳନ ପାଳନରେ ଜଣେ ବାପାର ଭୂମିକା କା'ଣ ହେବା ଜରୁରୀ ଆସନ୍ତୁ ଜାଣିନେବା ।

*ମା' ସହିତ ଭଲ ଆଚରଣ:*

ଜଣେ ବାପା ଝିଅର ପ୍ରଥମ ପ୍ରେମ ହୋଇଥାଏ । ଝିଅମାନେ ନିଜ ପିତାଙ୍କୁ ଦୁନିଆର ସର୍ବୋତ୍ତମ ବ୍ୟକ୍ତି ବୋଲି ଭାବନ୍ତି । ବାପା ହିଁ ଝିଅର ରୋଲ୍ ମଡେଲ୍ ହୋଇଥାନ୍ତି । ଏପରି ପରିସ୍ଥିତିରେ, ଯେତେବେଳେ ମା' ସହିତ ଆପଣଙ୍କ ଆଚରଣର କଥା ଆସେ, ଏହା ଜାଣିବା ଅତ୍ୟନ୍ତ ଜରୁରୀ ଯେ ଆପଣ ନିଜ ପତ୍ନୀଙ୍କ ସହିତ ଯେପରି ବ୍ୟବହାର କରିବେ ଆପଣଙ୍କ ଝିଅ ମଧ୍ୟ ଅନ୍ୟ ଲୋକଙ୍କ ବିଷୟରେ ମଧ୍ୟ ସମାନ ଚିନ୍ତାଧାରା ରଖିବ । ବାପା-ମାଆଙ୍କ ସମ୍ପର୍କ ମଧ୍ୟ ଝିଅର ବୈବାହୀକ ଜୀବନକୁ ବହୁତ ପ୍ରଭାବିତ କରିଥାଏ । ତେଣୁ ଯଦି ଆପଣ ଝିଅର ମା' ସହିତ ଉତ୍ତମ ବ୍ୟବହାର କରନ୍ତି ଏହା ତା'ର ବୈବାହୀକ ଜୀବନରେ ଖୁସି ଆଣିବ ।

*ଜଣେ ଭଲ ଶ୍ରୋତା ହେବା:*

ପ୍ରତ୍ୟେକ ବାପା ନିଜ ଝିଅର ସୁରକ୍ଷାକୁ ପ୍ରାଥମିକତା ଭାବରେ ଗ୍ରହଣ କରନ୍ତି । ପିଲାଦିନରେ ତ ଅମାନେ ସବୁକିଛି ଅତି ସହଜରେ ବାପାଙ୍କୁ ଶେୟାର କରନ୍ତି, କିନ୍ତୁ ବୟସ ବଢିବା ସହିତ ସେମାନେ ସବୁକିଛି କହିବାରେ ଦ୍ୱିଧା ଅନୁଭବ କରନ୍ତି । ଏପରି ପରିସ୍ଥିତିରେ, ଏହା ଜରୁରୀ ଯେ ସେମାନଙ୍କୁ ସବୁ କଥା ଉପରେ ପରାମର୍ଶ କିମ୍ବା ଜ୍ଞାନ ଦେବା ପରିବର୍ତ୍ତେ, ସେମାନଙ୍କୁ ସବୁ କଥାକୁ ନେଇ ଆଲୋଚନା କରିବାର ସୁଯୋଗ ଦିଅନ୍ତୁ । ଯଦି ଆପଣ ଜଣେ ଭଲ ଶ୍ରୋତା ହୋଇ ସେମାନଙ୍କ କଥା ଶୁଣନ୍ତି ଏବଂ ସେମାନଙ୍କର ଭାବନାକୁ ବୁଝନ୍ତି, ତେବେ ଆପଣ ସେମାନଙ୍କୁ ଏକ ଉତ୍ତମ ଉପାୟରେ ସାହାଯ୍ୟ କରିବାକୁ ସମର୍ଥ ହେବେ ।

*ସହଯୋଗୀ ହେବା:*

ଛୋଟ ପିଲାମାନଙ୍କର ସମସ୍ୟା ହେଉଛି ଯେ ବାପାମାଆ ସେମାନଙ୍କର ପ୍ରତ୍ୟେକ କାମରେ ଦୋଷ ଖୋଜନ୍ତି, କିନ୍ତୁ ଯଦି ଆପଣ ଜଣେ ଭଲ ବାପା ହେବାକୁ ଚାହାଁନ୍ତି ତେବେ ଆପଣଙ୍କ ଝିଅର କାମକୁ ମଧ୍ୟ ପ୍ରଶଂସା କରନ୍ତୁ । ପ୍ରତ୍ୟେକ ଝିଅଙ୍କ ପାଇଁ, ତାଙ୍କ ବାପାଙ୍କଠାରୁ ମିଳୁଥିବା ସକରାତ୍ମକ ମତାମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ମଧ୍ୟ ଆଗକୁ ବଢିବାକୁ ସାହସ ଦେଇଥାଏ ।

*ଶଉକ ପ୍ରତି ଆଗ୍ରହ:*

ଆପଣଙ୍କ ଆଚରଣ ମାଧ୍ୟମରେ, ଝିଅମାନଙ୍କୁ ଅନୁଭବ କରେଇବା ଉଚିତ ଯେ ଆପଣ ମଧ୍ୟ ସେମାନଙ୍କ ଶଉକ ପ୍ରତି ଆଗ୍ରହୀ । ଉଦାହରଣ ସ୍ୱରୂପ, ସ୍କୁଲ୍ ?ରେ କ'ଣ ପଢା ହେଲା ପଚାରିବା ପରିବର୍ତ୍ତେ, ଆପଣ ପଚାରିପାରିବେ କ୍ଲାସ୍ ?ରେ କିଛି ମଜା ହେଲା ନା ନାହିଁ । ଯଦି ଆପଣଙ୍କ ଝିଅ ସଂଗୀତ ଇତ୍ୟାଦି ପ୍ରତି ଆଗ୍ରହ ଦେଖାଉଛି, ତେବେ ଆପଣ ମଧ୍ୟ ତା'ର ଏହି ଆଗ୍ରହକୁ ପ୍ରଶଂସା କରନ୍ତୁ ଏବଂ ଜଡିତ ରୁହନ୍ତୁ ।

*ସହଯୋଗ କରିବା:*

ପ୍ରତ୍ୟେକ ଝିଅମାନଙ୍କ ପାଇଁ ବାପାଙ୍କ ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥନ କରନ୍ତି ଏବଂ ସେମାନଙ୍କୁ ଆଗକୁ ବଢିବାକୁ ଉତ୍ସାହିତ କରନ୍ତି, ତେବେ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢିବାକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବ ଏବଂ ସେମାନେ ସମସ୍ତ ପ୍ରକାରର ସମସ୍ୟାର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିବେ ।

*ଉତ୍ସାହିତ କରିବା:*

ନିଜ ଝିଅକୁ ସମସ୍ୟାର ମୁକାବିଲା କରିବାର ସାହସ ଦିଅନ୍ତୁ, ସମସ୍ତ ବାଧାବିଘ୍ନକୁ ଦୂର କରିବାକୁ ସାହସ ଦିଅନ୍ତୁ, ସେମାନଙ୍କ ଲକ୍ଷ୍ୟ ହାସଲ କରିବା ଏବଂ ନିଜକୁ ଆଗକୁ ବଢିବାକୁ ପ୍ରସ୍ତୁତ କରିବାର ଉପାୟ କହି ଆପଣ ଜଣେ ଭଲ ବାପା ହେବାର ଦାୟିତ୍ୱକୁ ଭଲ ଭାବରେ ପୂରଣ କରିପାରିବେ ।

*ନିଜକୁ ସ୍ୱତନ୍ତ୍ର କରାଇବା:*

ଏଠାରେ ମନେରଖିବା ଜରୁରୀ ଯେ ସମୟ ଶୀଘ୍ର ଗତି କରୁଛି ଏବଂ ଝିଅମାନେ, ଯେଉଁମାନେ ଆଜି ଛୋଟ ଅଛନ୍ତି ସେମାନେ ଆସନ୍ତାକାଲି ନିଜ ପାଦରେ ଠିଆ ହେବେ । ତେଣୁ ସେମାନଙ୍କୁ ଭରପୂର ପ୍ରେମ ଦିଅନ୍ତୁ, ବିଭିନ୍ନ ସମୟରେ ଉପହାର ମଧ୍ୟ ଦିଅନ୍ତୁ, ସେମାନଙ୍କ ସହ କିଛି ଭଲ ସମୟ କାଟନ୍ତୁ, ସେମାନଙ୍କ ସହିତ ଖେଳନ୍ତୁ । ଏହି ସ୍ମୃତିଗୁଡ଼ିକ ଆପଣଙ୍କ ଜୀବନର ବନ୍ଧନକୁ ଦୃଢ ରଖିବ ଏବଂ ଅସୁବିଧା ସମୟରେ ସାହସ ଯୋଗାଇବ ।

# ଘରେ ଚଟାପଟ ପ୍ରସ୍ତୁତ କରନ୍ତୁ ଚିକେନ ପିଆଜ କଷା

ଆବଶ୍ୟକ ସାମଗ୍ରୀ: ଚିକେନ, କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ, ତେଲ, ଗରମ ମସଲା ଓ କଞ୍ଚା ଲଙ୍କା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ । ତାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ଭଲଭାବରେ ଭାଜି ହେବା ପରେ କଟା କଞ୍ଚା ଲଙ୍କା ଓ ଚିକେନ ପକାଇ କଷନ୍ତୁ । ଏହାପରେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ ପକାଇ ଭଲ ଭାବେ ଗୋଳାନ୍ତୁ । ଚିକେନ ଭଲ ଭାବରେ କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ତାକୁ ଘୋଡ଼ାଇ ଦିଅନ୍ତୁ । ଚିକେନରୁ ପାଣି ମରିଗଲା ପରେ ଗରମ ମସଲା ପକାଇ ତାକୁ ଓଲ୍ଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ ପିଆଜ କଷା ।

# ବାସ୍ତୁ ଦୋଷ ଦୂର କରେ ସିନ୍ଦୂର

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।

♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ୍ୟ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ଗୁରୁବାରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।

■ ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।

■ ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।

■ ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।

■ ପୂଜା ସଂପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଳକ ଲଗାଇଲେ ଶୁଭ ଫଳ ମିଳିଥାଏ ।

■ 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।

■ ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।

■ ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।

■ ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।

■ ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

# ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି

ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

# ଆପଣ କ୍ଷୀର ପିଇବା ପାଇଁ ଭୟ କରନ୍ତି ? ଏହି ୬ ଖାଦ୍ୟରୁ ପୂରଣ କରନ୍ତୁ ଅଭାବ

କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ । ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ । ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା ।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ । କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ । ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ । ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି ।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ । ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍ ?ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ । ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା ।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ । ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ । ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ । ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ । ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ । ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ । କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଉ ମଧ୍ୟ ଥାଏ । ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ । ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ । କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ । ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ । କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ । ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ । ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ । ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ । ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର । ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ମାର୍ଚ୍ଚ ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକତ୍ର ନିର୍ବାଚନ...

ଏକ ଦେଶ, ଏକ ନିର୍ବାଚନ- ପୁଣିଥରେ ଏଇ ପ୍ରସଙ୍ଗ ଆସିଛି ଚର୍ଚ୍ଚାକୁ ଅଷ୍ଟାଦଶ ଲୋକସଭା ସହିତ କେତେକ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ଲଢ଼ିବାକୁ ରାଜନୀତିକ ଦଳମାନଙ୍କଠାରୁ ଆରମ୍ଭ କରି ଭୋଟରମାନେ ସଜବାଜ ହେଉଥିବା ବେଳେ, ଯେହେତୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ କମିଟି ଏ ବାବଦରେ ତାଙ୍କର ୧୮.୬୨୬-ପୃଷ୍ଠାବିଶିଷ୍ଟ ଏକ ବିସ୍ତୃତ ଓ ପ୍ରଶଂସନୀୟ ଯୋଜନା ଉପସ୍ଥାପନ କରିଛନ୍ତି । ଏହି ରିପୋର୍ଟ ଏକକାଳୀନ ସରକାରଙ୍କର ତିନିଗୋଟିଯାକ ସ୍ତରରେ ନିର୍ବାଚନ ହେବା ନିମନ୍ତେ ସୁପାରିସ କରିଛି । ଏହା ପ୍ରସ୍ତାବ ଦେଇଛି, ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକର ନିର୍ବାଚନ ହେବାର ୧୦୦ ଦିନ ମଧ୍ୟରେ ସ୍ଥାନୀୟ ସଂସ୍ଥାମାନଙ୍କ ନିର୍ବାଚନ ଅନୁଷ୍ଠିତ କରିବାକୁ । ଏହା କରିବାକୁ ହେଲେ ସମ୍ବିଧାନର ଅତି କମ୍‌ରେ ପାଞ୍ଚଗୋଟି ଧାରାରେ ସଂଶୋଧନ କରାଯିବା ଆବଶ୍ୟକ ହେବ । ଗୋଟିଏ ଦେଶ, ଗୋଟିଏ ନିର୍ବାଚନର ଧାରଣା ଏକ ସ୍ୱାଗତଯୋଗ୍ୟ ପ୍ରସ୍ତାବ, କାରଣ ଏହା ବେଶ୍ କେତେକ ଲାଭ ପ୍ରଦାନ କରିବାର ସମ୍ଭାବନା ବହନ କରେ, କିନ୍ତୁ ଅନେକଗୁଡ଼ିଏ କଥା ଏବଂ ଆହ୍ୱାନ ରହିଛି, ଯାହା ଆଲୋଚନାର ଅପେକ୍ଷା ରଖେ । ଏହାର ପଦ୍ଧତିଗତ ବିସ୍ତୃତ ବିବରଣୀରେ ରହିଛି ଏ ବାବଦୀୟ ଆହ୍ୱାନ ଏବଂ ଆଶଙ୍କା ଯେ ଏହା ଦେଶର ସଂଘୀୟ ସଂରଚନା ଏବଂ ସମ୍ବିଧାନର ଭାବନାକୁ ବିରୋଧ କରିବ । ରିପୋର୍ଟର ମୁଖ୍ୟ ପ୍ରସ୍ତାବଗୁଡ଼ିକ ସ୍ପଷ୍ଟ କରି ଦେଇଛି- ଏକ ଝୁଲା ସଦନ ବା ସଦନରେ ଅନାସ୍ଥା ପ୍ରସ୍ତାବ ସଫଳ ହେଲେ ପାଞ୍ଚ ବର୍ଷର ଅବଶିଷ୍ଟ ଅବଧି ନିମନ୍ତେ ସାନି ନିର୍ବାଚନ କରାଯାଇପାରେ। ଏସବୁ ହେଉଛି କେତେକ ପ୍ରମୁଖ ଚିନ୍ତାର ବିଷୟ, ଯେଉଁଗୁଡ଼ିକ ବ୍ୟାପକ ବିଚାର ବିମର୍ଶ ଏବଂ ବିସ୍ତୃତ ରାଜନୀତିକ ସହମତି ଆବଶ୍ୟକ କରେ । ପୁନଶ୍ଚ, ରିପୋର୍ଟଟି ସଂସଦ ଏବଂ ରାଜ୍ୟମାନଙ୍କ ବିଧାନସଭାଗୁଡ଼ିକରେ ଆଲୋଚନାର ଅପେକ୍ଷା ରଖେ। ଏହି ରିପୋର୍ଟକୁ କେବଳ ଉପରଠାଉରିଆ ଭାବରେ ଗ୍ରହଣ କରାଯିବା ସମୀଚୀନ ହେବନାହିଁ, କାରଣ ପ୍ରଥମତଃ, ଦେଶ ସ୍ୱାଧୀନ ହେବାର ପ୍ରଥମ ଦଶନ୍ଧିରେ ଏକକାଳୀନ ନିର୍ବାଚନ ହେବାର ପ୍ରଥା ରହିଥିଲା ୧୯୫୯ରେ କେରଳର ସିପିଆଇ-ନେତୃତ୍ୱାଧୀନ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ କ୍ୟାବିନେଟ ବରଖାସ୍ତ କରିବା ପର୍ଯ୍ୟନ୍ତ। ତା' ପରେ ଉତ୍ତର-ଜରୁରୀକାଳୀନ ସମୟରେ କଂଗ୍ରେସ ଏବଂ ଜନତା ପାର୍ଟି ସମ୍ବିଧାନର ଧାରା ୩୫୬କୁ ଅସ୍ତ୍ର କରି ଅନେକ ଥର ବିରୋଧୀ ଦଳମାନଙ୍କ ଦ୍ୱାରା ଶାସିତ ସରକାରମାନଙ୍କୁ ବରଖାସ୍ତ କରିବାକୁ ଲାଗିଲେ। ଶେଷରେ ୧୯୯୪ରେ ସୁପ୍ରିମ୍‌କୋର୍ଟ ବୋମାଇ ମାମଲାରେ ରାୟ ଦେବା ପରେ ଏଥିରେ ଲଗାମ୍ ଲାଗିଲା। ଦ୍ୱିତୀୟରେ, ସମ୍ପ୍ରତି ଭୋଟରମାନେ ସଂଘୀୟ ସନ୍ତୁଳନକୁ ଚିହ୍ନିବାରେ ବେଶ୍ ସଚେତନ ହୋଇଛନ୍ତି ଏବଂ ସେମାନେ ଯେଉଁ ସଦନକୁ ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ଯାଉଛନ୍ତି, ସେହି ସଦନ ପାଇଁ ଉପଯୁକ୍ତ ଦଳ ବା ପ୍ରାର୍ଥୀମାନଙ୍କୁ ପସନ୍ଦ କରୁଛନ୍ତି । ଉଦାହରଣ ଭାବରେ ନିଆଯାଇପାରେ ବିଭିନ୍ନ ରାଜ୍ୟରେ ହୋଇଥିବା ଲୋକସଭା ଏବଂ ବିଧାନସଭାମାନଙ୍କର ନିର୍ବାଚନକୁ । ଦିଲ୍ଲୀ, ଓଡ଼ିଶା, କେରଳ, ପଶ୍ଚିମବଙ୍ଗ ଇତ୍ୟାଦି ଭୋଟରମାନଙ୍କ ସଚେତନତାକୁ ସୂଚାଇ ଥାଏ । 'ଏକ ଦେଶ, ଏକ ନିର୍ବାଚନ'ର ଅବଧାରଣା ବେଶ୍ କିଛି ବର୍ଷ ହେବ ବିତର୍କର ବିଷୟବସ୍ତୁ ହୋଇ ଆସିଛି। ଏହାର ସମର୍ଥକମାନଙ୍କ କହିବା ଅନୁସାରେ, ଏହା ବାରମ୍ବାର ଦେଶରେ ନିର୍ବାଚନ ହେବାର ପ୍ରକ୍ରିୟାକୁ ହ୍ରାସ କରିବ ଏବଂ ତା' ସହିତ ଅନେକଗୁଡ଼ିଏ ସୁବିଧା ବହନ କରି ଆଣିବ, ଯେଉଁଗୁଡ଼ିକ ମଧ୍ୟରେ ପ୍ରମୁଖ କେତେଗୋଟି ସୁବିଧା ହେଉଛି, ପରିବର୍ତ୍ତିତ ଏବଂ ନିରବଚ୍ଛିନ୍ନ ଶାସନ, ବ୍ୟୟ ହ୍ରାସ, ସାଧାରଣ ଜନଜୀବନରେ ବ୍ୟାଘାତ ସୃଷ୍ଟିରେ ହ୍ରାସ, ସାମାଜିକ ସହାବସ୍ଥାନ ଏବଂ ଶାସନର ସ୍ଥିରତା ଇତ୍ୟାଦି। ସବୁଯାକ ନିର୍ବାଚନକୁ ଏକ ସମୟରେ କରିବା ଦ୍ୱାରା ସରକାର ସବୁବେଳେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ନିଜର ପ୍ରଚାର କରିବା ମାନସିକତାରେ ରହିବା ଅପେକ୍ଷା ନୀତି ନିର୍ଦ୍ଧାରଣ ଏବଂ ସେସବୁର କାର୍ଯ୍ୟାନ୍ୱୟନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରି ପାରିବେ । ଏତଦ୍ ବ୍ୟତୀତ ଏକକାଳୀନ ନିର୍ବାଚନ କରାଇବା ହୁଏତ ଆଞ୍ଚଳିକ ସମସ୍ୟାଗୁଡ଼ିକୁ ପଛରେ ପକାଇ ଜାତୀୟ ସ୍ତରର ପ୍ରସଙ୍ଗଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଦିଗରେ ପଥ କଢ଼ାଇ ନେଇପାରେ । ସୁଖର କଥା ଯେ ଏକକାଳୀନ ନିର୍ବାଚନର ଢାଞ୍ଚା ଭିତରେ ସଂଘୀୟବାଦର ସାରତତ୍ତ୍ୱକୁ ସଂରକ୍ଷିତ କରିବା କ୍ଷେତ୍ରରେ ଦେଖା ଦେବାକୁ ଥିବା ବିପଦଗୁଡ଼ିକୁ ଦୂର କରିବା ପାଇଁ କୋବିନ୍ଦ କମିଟି କେତେକ ଅନ୍ତଷ୍ଟି ପ୍ରଦାନ କରିଛନ୍ତି। ଆହୁରି ମଧ୍ୟ ନିର୍ବାଚନଗୁଡ଼ିକ ଦେଶର ରାଜକୋଷରୁ ବହୁ ଅର୍ଥ ବ୍ୟୟର କାରଣ ପାଲଟୁ ଥିବା ବେଳେ ଏକକାଳୀନ ନିର୍ବାଚନ ଏହି ଆର୍ଥିକ ବୋଝକୁ କମାଇବାରେ ସହାୟକ ହେବ। ତେବେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ ଏବଂ ଭୋଟରମାନଙ୍କ ସାକ୍ଷରତା ସମେତ ସବୁକିଛିର ସମନ୍ୱୟକରଣ କରିବା ପାଇଁ ସାବଧାନତାର ସହିତ ବିଚାର କରାଯିବା ଆବଶ୍ୟକ। କହିବା ବାହୁଲ୍ୟ, ଏହି ସଂସ୍କାରର ଯଥାର୍ଥତାକୁ ଆର୍ଥିକ ନିହିତାର୍ଥ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିବ । ସଙ୍ଗେ ସଙ୍ଗେ ଏଥିପାଇଁ ରାଜନୀତିକ ସହମତିର ମଧ୍ୟ ଆବଶ୍ୟକତା ରହିବ। ମୋଟାମୋଟି ସାମ୍ବିଧାନିକ, ରାଜନୀତିକ ଏବଂ ଆର୍ଥିକ ଦିଗଗୁଡ଼ିକ ବାଦ୍ ପ୍ରଶାସନିକ ଦକ୍ଷତାଠାରୁ ମଧ୍ୟ ଅଧିକ କିଛି ଆବଶ୍ୟକତା କରେ ଏହି ରିପୋର୍ଟର ନିହିତାର୍ଥ। ତେଣୁ ଏ ବାବଦରେ ପୁଙ୍ଖାନୁପୁଙ୍ଖ ଗଠନମୂଳକ ଆଲୋଚନା ହେବାର ଅପରିହାର୍ଯ୍ୟତା ରହିଛି।

## ପ୍ରୀତିପର୍ଣ୍ଣା

### ମହୀଜା ଦଳବେହେରା

ଆଗୋ ପ୍ରୀତିପର୍ଣ୍ଣା
ଏ ମୋର ଜୀବନେ
କାହିଁକି ଆସିଲ ସତେ
ମହକ ବିହୀନ ଏ ଝରା ଫଗୁଣେ
ପ୍ରତାରିତ ହେବ କେତେ ।

ସରିଚି ପୀୟୂଷ ପୀରତି ପିଆଲା
ଆସର ପଡ଼ିଚି ଖାଲି
ସଜାଇ ସପନ ସମ୍ଭାର ନୟନେ
ଆସନା ଗୋ ଯାଅ ଚାଲି
ସଜାଇବ ପୁଣି କା'ର ଯେ ବାଟିକା
ମଧୁଝରା ମଧୁରାତେ।

ତୁମେ ସଉରଭେ ସରାଗେ ତ ପୁଣି
ସେ କିଏ ଯିବ ଯେ ହଜି
ନୀଳ ସରସୀର ନୀଳକଇଁ ତୁମେ
ବସିବ ନାୟିକା ସାଜି

ଚୁନା, ଚୁନା ଫୁଲ ପଡୁଥିବ ଝରି
ସେ ମଧୁ ମିଳନ ରାତେ ।

ଫେରିଯାଅ ଆଗୋ ପ୍ରୀତି ପୂଜାରିଣୀ
ସରି ନୁହେଁ ତୁମ ପାଇଁ
ଚନ୍ଦ୍ରଭାନୁ କାହିଁ, ରହିଥିବ ଚାହିଁ
ସୁହାଗ ମିଳନ ପାଇଁ
କା ବାହୁ ବନ୍ଧନେ ପ୍ରୀତି ଆଲିଙ୍ଗନେ
ସପନେ ହଜିବ କେତେ ।

+ସୀତା ନିବାସ,
ରାଜାବଗିଚା, କଟକ
ମୋ: ୯୪୩୭୦୬୨୦୦୩

# ଘରୋଇ କୋଚିଂ ସେଣ୍ଟର ପାଇଁ କେନ୍ଦ୍ରର ମାର୍ଗଦର୍ଶିକା

### ଶ୍ରୀବତ୍ସ ନାୟକ

ଦେଶରେ ଶିକ୍ଷାଦାନ କରୁଥିବା ଘରୋଇ କୋଚିଂ ସେଣ୍ଟର୍ ନିମନ୍ତେ କୌଣସି ସ୍ୱତନ୍ତ୍ର ନୀତି ଓ ନିୟମ ନଥିବାରୁ ଦିନକୁ ଦିନ ଛତୁ ଫୁଟିଲା ଭଳି ଅନେକ ଘରୋଇ କୋଚିଂ ସେଣ୍ଟର୍ ଖୋଲିଚାଲିଛି। ଏହାର ଫାଇଦା ନେଇ କୋଚିଂ ସେଣ୍ଟର୍ ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ଠାରୁ ମନଇଚ୍ଛା ଫି ଆଦାୟ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କ ଉପରେ ପାଠର ବୋଝ ତଥା ମାନସିକ ଚାପ ଯୋଗୁଁ ସେମାନେ ଆତ୍ମହତ୍ୟା କରୁଛନ୍ତି । କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା ନଥିବାରୁ ଅଗ୍ନି ସଂଯୋଗ ଘଟି ଅନେକ ଧନଜୀବନ ହାନି ଘଟୁଛି । ଏହି ସଂସ୍ଥାଗୁଡ଼ିକ ଭ୍ରମାତ୍ମକ ବିଜ୍ଞାପନ ଦ୍ୱାରା ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ନିଜ ଅନୁଷ୍ଠାନ ପ୍ରତି ଆକର୍ଷିତ କରୁଛନ୍ତି। କେଉଁଠି ପରୀକ୍ଷାରେ ମାର୍କ ପାଇଁ ଶିକ୍ଷକମାନେ ପାତରଅନ୍ତର ନୀତି ଆପଣାଉଛନ୍ତି ତ କେଉଁଠି ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥାଇ ଘରୋଇ ଟ୍ୟୁଟରମାନେ ଶିକ୍ଷାଦାନ କରୁଛନ୍ତି । ସେମାନେ ଗୁଣାତ୍ମକ ଶିକ୍ଷା ପରିବର୍ତ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରି କିଭଳି ସେମାନେ ନିଯୁକ୍ତିକ୍ଷମ ହେବେ ତା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ବିଗତ ବର୍ଷ ଗୁଡ଼ିକର ଫଳାଫଳକୁ ନେଇ ବିଭ୍ରାନ୍ତିକର ବିଜ୍ଞାପନ, ହଷ୍ଟେଲ ସମସ୍ୟା, ଅତ୍ୟଧିକ ପାଠର ଚାପ, ସଂସ୍ଥାରେ ଯୌନ ଉତ୍ପୀଡନା, ହୋମ ୱାର୍କ୍ ର ବୋଝ, ଶିକ୍ଷାରେ ଅନିୟମିତତା, ଆଦି ନାନାଦି ବିବାଦ ଘେରରେ ଛନ୍ଦି ହୋଇପଡିଛି ଦେଶର ଅନେକ ଘରୋଇ କୋଚିଂ ସଂସ୍ଥା । ଏହା ଅତୀତରେ ସରକାରଙ୍କ ଦୃଷ୍ଟିଗୋଚର ହୋଇଥିଲେ ମଧ୍ୟ ସରକାର ଏଥିପ୍ରତି କୋହଳ ମନୋଭାବ ଆପଣାଇଥିଲେ । କିନ୍ତୁ ଦିନକୁଦିନ ଏହି ସମସ୍ୟାର ବୃଦ୍ଧି ହେବା ଯୋଗୁଁ ସରକାର ଏଥିନିମନ୍ତେ ବାଧ୍ୟ ହୋଇ କଠୋର ଆଭିମୁଖ୍ୟ ଗ୍ରହଣ କରି, ଘରୋଇ କୋଚିଂ ଶିକ୍ଷାନୁଷ୍ଠାନ ଉପରେ ଲଗାମ ଲଗାଇବା ପାଇଁ ଗତ ଜାନୁଆରୀ ମାସ ୧୬ ତାରିଖ ଦିନ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ, ଦେଶରେ ଚାଲିଥିବା ଘରୋଇ କୋଚିଂ ଶିକ୍ଷାନୁଷ୍ଠାନ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ଯାହାକୁ ନେଇ ସାଧାରଣରେ ଅନେକ ଚର୍ଚ୍ଚାଲୋଚନା ଚାଲିଛି ।

ଦେବଭୂମି ଭାରତ ବର୍ଷ ସଦାସର୍ବଦା ତାର ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଆସିଛି। ପ୍ରାଚୀନ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଯୁଗପଯୋଗୀ ଶିକ୍ଷା ବ୍ୟବସ୍ଥା ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି ଆମ ଦେଶ ଭାରତ । କେବଳ ସେତିକି ନୁହେଁ ଜ୍ଞାନର ପେଣ୍ଠସ୍ଥଳୀ ହେବାସ୍ୱପ୍ନ ନେଇ ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣିବା ସହ ଅଧୁନା ଆମ ଦେଶରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରଚଳିତ ହେଉଅଛି । ଏହି ନୂତନ ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାର ସର୍ବନିମ୍ନ ମାନକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ଘରୋଇ କୋଚିଂ ସେଣ୍ଟର ଗୁଡ଼ିକ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ୧୯୯୧ ମସିହା ନୂତନ ଅର୍ଥନୈତିକ ନୀତିରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ ଦେଶରେ ଗଢି ଉଠିଛି ଅନେକ ସରକାରୀ, ବେସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ । ବର୍ଷକୁ ବର୍ଷ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କ୍ଲାସ ସମାପ୍ତ ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଘରୋଇ କୋଚିଂ ସେଣ୍ଟରରେ ଟ୍ୟୁଟୋରିଆଲ୍ କ୍ଲାସ କରିଥାନ୍ତି । ବିଶେଷ କରି ୨୦୨୦ ମସିହାରେ ବିଶ୍ୱ ମହାମାରୀ କୋଭିଡ୍ ଯୋଗୁଁ ଯେତେବେଳେ ଶ୍ରେଣୀଗୃହ ଶିକ୍ଷାଦାନ ବନ୍ଦ ହୋଇଗଲା ସେତେବେଳେ ଘରୋଇ କୋଚିଂ ସେଣ୍ଟର୍ ଅନଲାଇନ୍ ଶିକ୍ଷାଦାନ କରିଥିଲା ଏବଂ ଏହାର ଗୁରୁତ୍ୱ ବେଶ୍ ବଢି ଯାଇଥିଲା । କିଭଳି ଭାବେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଆଶାନୁରୂପ ମାର୍କ ରଖିବେ, ଉଚ୍ଚଶିକ୍ଷା ନିମନ୍ତେ ପ୍ରସ୍ତୁତ ହେବେ, ନିଯୁକ୍ତି ଉପଯୋଗୀ ହେବେ ସେଥିନିମନ୍ତେ ଘରୋଇ କୋଚିଂ ସେଣ୍ଟର ଗୁଡ଼ିକ ଅଭିନବ ଉପାୟ ଅବଲମ୍ବନ କରିଥାନ୍ତି । ଶିକ୍ଷାର ଉପଯୁକ୍ତ ପରିବେଶ ସୃଷ୍ଟି କରିବା, ନିୟମିତ ବ୍ୟବଧାନରେ ପରୀକ୍ଷା କରିବା, ମକ୍ ଟେଷ୍ଟ କରିବା, ଶିକ୍ଷକ ଅଭିଭାବକ ମିଟିଂ କରିବା, ଉପଯୁକ୍ତ ପାଠ୍ୟ ଉପକରଣ ଯୋଗାଇଦେବା, ନିରବଚ୍ଛିନ୍ନ ଭାବେ ଶ୍ରେଣୀ ଶିକ୍ଷାଦାନ କରିବା, ଛୁଟି ସଂଖ୍ୟା ହ୍ରାସ କରିବା, ଡାଉଟ୍ କ୍ଲିଆରିଂ କ୍ଲାସ କରିବା, କ୍ଲାସର ସମୟ ଅବଧି ବୃଦ୍ଧି କରିବା, ଶିକ୍ଷକ ଶିକ୍ଷାର୍ଥୀ ଅନୁପାତ ହ୍ରାସ କରିବା, ନିୟମିତ ମୂଲ୍ୟାଙ୍କନ ଏବଂ ଶିକ୍ଷାର୍ଥୀ ମାନଙ୍କ ମନୋବଳ ଦୃଢ଼ କରିବା, ପୂର୍ବ ବର୍ଷର ପ୍ରଶ୍ନପତ୍ର ଅଭ୍ୟାସ କରିବା, ପ୍ରାକ୍ଟିକାଲ ଜ୍ଞାନର ଅଭିବୃଦ୍ଧି ପାଇଁ ଷ୍ଟଡିଟୁର ଆଦି ଉପରେ ଗୁରୁତ୍ୱାରୋପ କରିଥାନ୍ତି । ସରକାରଙ୍କର ଅପାରଗତା, ସରକାରୀ ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ଶିକ୍ଷାର ଅଭାବ, ତଥା ଶିକ୍ଷା ବ୍ୟବସ୍ଥାର ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଘରୋଇ କୋଚିଂ ସେଣ୍ଟର୍ ପ୍ରତି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଆକର୍ଷିତ ହେଉଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ମଧ୍ୟ ଏହା ଦେଖିବାକୁ ମିଳୁଛି ଯେ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆଡ଼ମିଶନ କରି ସେଠାକାର ଶ୍ରେଣୀ ଗୃହ ଶିକ୍ଷାଗ୍ରହଣକୁ ନାପସନ୍ଦ କରି ଘରୋଇ କୋଚିଂ ସେଣ୍ଟରରେ ଅଧ୍ୟୟନ କରୁଛନ୍ତି ଫଳରେ ଦିନକୁ ଦିନ ଘରୋଇ କୋଚିଙ୍ଗ ସେଣ୍ଟରର ଚାହିଦା ବଢ଼ିବାରେ ଲାଗିଛି ।ବର୍ଦ୍ଧିତ ଚାହିଦାକୁ ଆଖି ଆଗରେ ରଖି ହାତ ଗଣତି କୋଚିଂ ସଂସ୍ଥାକୁ ଛାଡ଼ିଦେଲେ ଅଧିକାଂଶ ସଂସ୍ଥା ଛାତ୍ରଛାତ୍ରୀ ମାନଙ୍କୁ ଶୋଷଣ କରିବାକୁ ଲାଗିପଡିଛନ୍ତି । ଛାତ୍ରଛାତ୍ରୀ ମାନଙ୍କର ହିତ ଦୃଷ୍ଟିରୁ ଷ୍ଟୁଡେଣ୍ଟ୍ ଫେଡରେଶନ ଅଫ ଇଣ୍ଡିଆ ୨୦୧୭ ମସିହାରେ ଏକ ପି.ଆଇ.ଏଲ୍ ଫାଇଲ କରିଥିଲା । ଏହାର ବିଚାର କରି ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା, ନିରାପତ୍ତା ଓ ଅନାବଶ୍ୟକ ଶୋଷଣ କୁ ଏଡ଼ାଇବା ପାଇଁ ବେଆଇନ ଭାବେ ଗଢି ଉଠିଥିବା ତଥା ଶୋଷଣ କରୁଥିବା ସଂସ୍ଥା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶକୁ ଅନୁପାଳନ କରି ବିହାର କୋଚିଂ ଇନଷ୍ଟିଚ୍ୟୁଟ୍(କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ଆକ୍ଟ, ୨୦୧୦( ବିହାର ଆକ୍ଟ୧୭, ୨୦୧୦), ଗୋଆ କୋଚିଂ କ୍ଲାସ (ନିୟମାବଳୀ) ଅଧିନିୟମ, ୨୦୧୧( ଗୋଆ ଆକ୍ଟ ୨୭,୨୦୦୧), ଉତ୍ତରପ୍ରଦେଶ କୋଚିଂ ଅଧିନିୟମ, ୨୦୦୨(ଉତ୍ତରପ୍ରଦେଶ ଆକ୍ଟ ୫,୨୦୦୨), କର୍ଣ୍ଣାଟକ ଟ୍ୟୁଟୋରିଆଲ୍ ପଞ୍ଜିକରଣ ନିୟମାବଳୀ ୨୦୦୧, ମଣିପୁର କୋଚିଂ ଅନୁଷ୍ଠାନ(ନିୟନ୍ତ୍ରଣ ଓ ନିୟମାବଳୀ) ଅଧିନିୟମ ୮, ୨୦୧୭ ଆକ୍ଟ, ରାଜସ୍ଥାନ କୋଚିଂ ଅନୁଷ୍ଠାନ ନିୟନ୍ତ୍ରଣ ଓ ନିୟମାକ ବିଲ, ୨୦୨୩ କେତେକାଂଶରେ ସକ୍ରିୟ ହୋଇ ଉଠିଲା । ଏତଦବ୍ୟତୀତ କିଭଳି ଭାବେ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ତତ୍ ସହିତ କୋଚିଂ କ୍ଲାସ ପ୍ରତି ମନ ନବଳାଇବେ ତାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ପାଇଁ ସମାନ ନୀତି ଅବଲମ୍ବନ କରିଥିଲେ । ଉଚ୍ଚ ଗୁଣବତ୍ତା ସାଧାରଣ ଦକ୍ଷତା ପରୀକ୍ଷା କରିବା ପାଇଁ ସର୍ବ ଭାରତୀୟ ସ୍ତରରେ ନେସନାଲ ଟେଷ୍ଟିଂ ଏଜେନ୍ସି(ଏନ୍. ଟି.ଏ) କାର୍ଯ୍ୟ କରିବାର ବ୍ୟବସ୍ଥା ପ୍ରଣୟନ କରିଥିଲେ । ଗୁଣାତ୍ମକ ଶିକ୍ଷା ପାଇଁ ଦେଶରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାନୁଷ୍ଠାନ ସାଙ୍ଗକୁ ଶିକ୍ଷାନୁଷ୍ଠାନରେ ସିଟ୍ ବୃଦ୍ଧି କରିବା, ୧୩ଟି ଆଞ୍ଚଳିକ ଭାଷାରେ ସି.ୟୁ.ଇ.ଟି ପରୀକ୍ଷା କରିବା, ନିଟ, ଜେ.ଇ.ଇ ମେନ୍ ପରୀକ୍ଷା ପାଇଁ ମାଗଣାରେ ନେସନାଲ ଟେଷ୍ଟିଂ ଏଜେନ୍ସି(ଏନ୍. ଟି.ଏ) ମାଧ୍ୟମରେ ଉଚ୍ଚ ଗୁଣବତ୍ତା ମକ୍ ଟେଷ୍ଟର ବ୍ୟବସ୍ଥା କରିବା, ବିଭ୍ରାନ୍ତିକର ବିଜ୍ଞାପନ ଦ୍ୱାରା ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କୁ ନିଜ କୋଚିଂ ସଂସ୍ଥା ପ୍ରତି ଆକର୍ଷିତ କରୁଥିବା କୋଚିଂ ବିରୁଦ୍ଧରେ ଗ୍ରାହକ ସୁରକ୍ଷା ଆଇନ୍ ୧୯୮୬ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିଷ୍ପତି ନେଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଏ କ୍ଷେତ୍ରରେ ସେତେଟା ସଫଳ ମିଳିପାରିନଥିଲା । ଯେଉଁଠି ଆମେ ବିଶ୍ୱ ଗୁରୁ ହେବାର ସ୍ୱପ୍ନ ଦେଖୁଛେ ସେଠି ପୁଣି ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀ ମାନେ କୋଚିଂ ସେଣ୍ଟର ଦ୍ୱାରା ଶୋଷିତ ହେବେ ଯାହାକୁ ଆମ ସରକାର ଗ୍ରହଣ ନକରି ପାରି ଦେଶରେ ଗଢି ଉଠିଥିବା ଅନେକ

# ନଷ୍ଟନୀଡ

ସୁଜାତା ଶତପଥି

ସଞ୍ଜ କେତେବେଳୁ ନଇଁ ଗଲାଣି ସୂର୍ଯ୍ୟ ଦେବତା ବିଶ୍ରାମ ନେବାପାଇଁ ଚାଲିଗଲେଣି ଆଉ ସଫେଦ ଜହ୍ନଟା ଆକାଶର ଛାତିଚିରି ରୂପେଲି କିରଣରେ ଅନ୍ଧାର ରାତିକୁ ସଫେଦ ପରଦା ଘୋଡେଇବାରେ ବ୍ୟସ୍ତ । କାହିଁ କେତେବେଳୁ ପୁରଷ ପକ୍ଷୀଟି ଉଡିଆସି ବାରିପଟ ସଜନା ଗଛ ଉପର ଡାଳରେ ତା ବସା ପାଖେ ଗୁମ ମାରି ବସିଛି । ଆଜି କାହିଁ ଶାବକ ଦୁଇଟିର ଚେଁ ଚାଁ କିଛି ଶୁଭୁନି । ଏବେ କିଛିଦିନ ହେଲା ନୂଆ ନୂଆ ଉଡ଼ା ଶିଖୁଥିବା ପକ୍ଷୀଶାବକ ଦୁଇଟି ଅନ୍ଧାର ରାତିରେ ବି ଚେଁ ଚାଁ ଶବ୍ଦ କରି ରାତିର ନିଶବ୍ଦତା ଭାଙ୍ଗି ଦିଅନ୍ତି । ଖୁବ ଭଲଲାଗେ ମତେ ମୋ ଏକୁଟିଆ ରାଜ୍ୟରେ ସେ ଛୁଆ ଦିଟାଙ୍କ କୋଳାହଳ କିନ୍ତୁ ଆଜି କଣ ହେଇଛି ଏତେ ବେଳ ହେଲାନି ସ୍ୱର ଶବ୍ଦ କିଛି ନାହିଁ । ମୁଁ ବି ପୁରୁଷ ପକ୍ଷୀ ଭଳି ବ୍ୟସ୍ତ ହେଇପଡୁଥିଲି କାଳେ କିଛି ଅଘଟଣର ଆଶଙ୍କାରେ । ବାରମ୍ବାର ମୁଁ ଘର ପଛ ଝରକା ଖୋଲି ଦେଖୁଥିଲି ଆଉ ନିରବତାକୁ ଅନୁଭବ କରୁଥିଲି । ଠିକ ଏତିକି ବେଳେ ପୁରୁଷ ପକ୍ଷୀଟି କିଚିରି ମିଚିରି କରି ଆକାଶ କମ୍ପେଇଲା ମୁଁ ଘଟଣା କଣ ଜାଣିବା ପାଇଁ ପିଣ୍ଡାରେ ପଡ଼ିଥିବା ଚେୟାର ଉପରେ ବସିଗଲି ଆଉ ମାନଧ୍ୟାନ ଲଗେଇଦେଲି ପକ୍ଷୀବସା ଆଡକୁ, ଦେଖିଲି ମାଈ ପକ୍ଷୀଟି ଶାବକ ଦୁଇଟିକୁ ଧରି ବସାଠାରୁ ଅଳ୍ପ ଦୂରରେ ବସିଛି ଆଉ ପୁରୁଷ ପକ୍ଷୀଟି ବସା ପାଖରେ ଜଗିରହି ଖୁବ ଜୋରରେ ଗାଳି ଦେଉଛି । ମଝିରେ ମଝିରେ ମାଈ ପକ୍ଷୀଟି ଆନୁନୟ କରି ବସା ଭିତରକୁ ଜିବାକୁ ଅନୁମତି ମାଗୁଛି ହେଲେ ପୁରୁଷ ପକ୍ଷୀଟି ନଛୋଡ ବନ୍ଧା ତିଳେ ମାତ୍ର ଦୟାର ଚିହ୍ନ ନାହିଁ ମୁଁହରେ ଏତେ ନିଷ୍ଠୁରତା କେମିତି କେଜାଣି । ମାଈ ପକ୍ଷୀଟି କଣ କମ କଷ୍ଟ ସହିଛି.. ନିଜ କୁନି ଥଣ୍ଟରେ କଠିକୁଟା ଯୋଗାଡ଼ିଛି ଏଇ ବସା ତିଆରି କରିବା ପାଇଁ ଗର୍ଭ କଷ୍ଟ ସହି ଅଣ୍ଡା ଦେଇଛି ନଖାଇ ନପିଇ ଜଗି ଜଗି ଅଣ୍ଡା ଫୁଟେଇଛି କୁନି କୁନି ଛୁଆଙ୍କର ନାଲିଆ ଥଣ୍ଟରେ ନିଜ ଥଣ୍ଟରେ ବୋହି ଆଣିଥିବା ଖାଦ୍ୟ ଦେଇ ବଡ କରିଛି ନିଜ ଖାଇବା ପିଇବା ଭୁଲିଯାଇ..ତଥାପି ଏ ଅବୁଝା ପଣ କଣ ପାଇଁ.. ଫେରି ଯାଇଥିଲି ମୁଁ ଅତୀତକୁ କଣ କରିଥିଲି ମୁଁ ଘରପାଇଁ ସବୁ କଷ୍ଟ ଜଂଜାଳକୁ ନିଜର ଭାବି ବଂଚିଥିଲି । ସାମାନ୍ୟ ଭୁଲ ଥିଲା ମୋର ରୋଗୀଣା ମା'ଙ୍କୁ ଦେଖା କରିବା ପାଇଁ ଛୁଆ ଦୁଇଟିକୁ ଧରି ଯାଇଥିଲି ହେଲେ କିଏ ଜାଣିଥିଲା ମୋ ସାଙ୍ଗରେ ମୋ ଦୁର୍ଭାଗ୍ୟ ଛାଇପରି ଗୋଡ କାଢି ପଛେ ପଛେ ଘୁରୁଥିଲା । ସମୟ ଅନୁସାରେ ଫେରୁ ଫେରୁ ଆଧାରାସ୍ତାରେ ଖରାପ ହୋଇଯାଇଥିଲା ଗାଡି ଆଉ ଦୁଇଘଣ୍ଟା ବିଳମ୍ବରେ ପହଂଚିଥିଲି ଘରେ ବାସ ସେତିକି ହି ଭୁଲ । କଅଁଳା ଛୁଆ ଦୁଇଟିକୁ ଧରି ସାରାରାତି ବାହାରେ ଜଗିରହିଥିଲି କାଳେ ଘରଭିତରେ ଥିବା ଲୋକମାନଙ୍କୁ ମୋ କଥା ନହେଲା ନାଇଁ କୋମଳ ମତି ଛୁଆ ଦୁଇଟିର ମୁଁହ ଦେଖାଯିବ ଆଉ ଗେଟ ଖୋଲି ଘର ଭିତରକୁ ପଶିବାକୁ ଅନୁମତି ମିଳିବ.. ନା ସେତିକି ବି ମୋ ଭାଗ୍ୟରେ ଜୁଟିଲାନି.. ମନେ ମନେ ସ୍ଥିର କଲି ନା ଯେଉଁଠି ନିଜର ଆତ୍ମ ସମ୍ମାନ ନାହିଁ ସେଇଠି ଅନ୍ୟକୁ ସମ୍ମାନ ଦେଇ ବଞ୍ଚିବା ଠିକ ନୁହେଁ । ସାରାରାତି ଗେଟ ପାଖରେ କାଟିଲା ପରେ ଫେରି ଯାଇଥିଲି ସେ ଦୁଆର ମୁଁହରୁ ଏକାମୁଁହା ହୋଇ ନା.. ଆଉ କେବେବି ପଛକୁ ଚାହିଁ ନଥିଲି ସେ ପ୍ରତିପତ୍ତିଶାଳୀଙ୍କ ଅଭିଜାତ୍ୟ ପୂର୍ଣ୍ଣ କୋଠାକୁ । ନିଜ ଭାଗ୍ୟ ନିଜେ ଗଢିବା ର ସ୍ୱପ୍ନକୁ ମୁଣ୍ଡରେ ଲଦି ଆଗେଇଲି ଛୁଆ ଦୁଇଟିକୁ ବଡ କଲି ଉଡିବା ଶିଖେଇଲି କେବେ ଦୁଃଖକୁ ମନ ଭିତରକୁ ପଶିବାକୁ ଦେଉନଥିଲି ହେଲେ ଆଜି କାହିଁକି ଏ ଅବେଳରେ ଶୁଭେନ୍ଦୁ କଥା ଏତେ ମନେ ପଡୁଛି । କିଛି ଭୁଲ କରିଦେଇଛିକି ମୁଁ ଆଉ ? ନା ମୁଁ ତ ଭୁଲୁଯାଇଛି ଅନେକ ଦିନ ତଳୁ ମୁଁ ଜଣେ ବିବାହିତା ନାରୀ ବୋଲି କେବଳ ଛୁଆ ଦୁଇଟାକୁ ମଣିଷ କରିବା ନିଶା ମୋର ସବୁ ଦୁଃଖ ଭୁଲେଇଦେଇଛି । ଆସନ୍ତାକାଲି ଝିଅକୁ ଦେଖିବା ପାଇଁ ତା ଶାଶୂଘର ଲୋକ ଆସୁଛନ୍ତି ନା ସେମିତି କିଛି ବ୍ୟସ୍ତତା ତ ମୋ ଭିତରେ ନାହିଁ ସେମାନେ ତ ଆମ ସଂସାର ବିଷୟରେ ସବୁ ଜାଣିଛନ୍ତି ପୁଣି କାହିଁକି ପ୍ରଶ୍ନ କରିବେ ମତେ ଝିଅର ବାପା ବିଷୟରେ । ଭାବନାକୁ ବିରାମ ଦେଇ ପୁଣି ଅନେଇଲି ଗଛ ଡାଳକୁ ପୁରୁଷ ପକ୍ଷୀଟି ବୋଧେ ଶୋଇଗଲା ବସା ଭିତରେ କାହିଁ ଆଉ ଦେଖାଯାଉନି ପୁଣି ଥରେ ଭଲକରି ଦେଖିଲି ଆଉ ଅନ୍ୟମାନେ ମଧ ଦେଖାଗଲେନି ଈଶ୍ୱରଙ୍କୁ ଧନ୍ୟବାଦଟିଏ ଦେଇ ଶୋଇବାକୁ ଗଲି । ସକାଳୁ କେତେକାମ ଭାବି ଭାବି ନିଦ କେତେବେଳେ ଲାଗିଯାଇଛି । ସକାଳୁ ମାଣିକ ମା ବେଲ ମାରି ମୋ ନିଦ ଭାଙ୍ଗିଲା ଗେଟ ଖୋଲୁ ଖୋଲୁ ସେ ପଚାରିଲା ମା ରାତିରେ ନିଦ ହେଲାନିକି ଆଜି ଏତେ ବେଳ ଯାଏଁ ଉଠିନ ତାକୁ ଉତ୍ତର ଦେବା ପୂର୍ବରୁ ଆଖି ମଳି ମଳି ବେସିନରେ ମୁଁହ ଧୋଇ ଈଶ୍ୱରଙ୍କୁ ପ୍ରଣାମ କରି ଘର ପଛ ଝରକା ଖୋଲିଦେଲି । ଦେଖିଲି ଗଛଡାଳରେ ଥିବା ପକ୍ଷୀ ବସାଟି ପୁରା ଶୂନଶାନ ଭାବିଲି ପକ୍ଷୀଗୁଡିକ ଖାଦ୍ୟ ଆଶାରେ ଉଡ଼ିଗଲେଣି ବୋଧେ । ଭାବିଭାବି ଟାଓ୍ୱାଲରେ ମୁଁହ ପୋଛୁ ପୋଛୁ ନଜର ପଡିଲା ଗଛତଳେ । ଗଛତଳେ ଯାହା ଦେଖିଲି ମୋ ଆଖିକୁ ମୁଁ ବିଶ୍ୱାସ କରିପାରିଲିନି ମାଣିକ ମା'କୁ ଡାକ ଛାଡ଼ିଲି ବାରିପଟ ଗେଟ ଖୋଲିବାକୁ ଆଉ ଗେଟ ଖୋଲି ଦୌଡ଼ି ଗଲି ଗଛ ମୂଳକୁ । ଦେଖିଲି ପକ୍ଷୀଟିର ଦେହସାରା ଥଣ୍ଟର ଆଘାତରେ କଣା ହୋଇ ରକ୍ତ ସ୍ରାବ ସବୁ ଶୁଖିବାକୁ ଲାଗିଲାଣି ଚାରିଆଡେ ନଜର ବୁଲେଇଲି ପକ୍ଷୀ ଶାବକ ଦୁଇଟି ଚୁପଚାପ ଥୁଣ୍ଟା ଗଛଟିର ଡାଳଉପରେ ବସିଛନ୍ତି । ସେମାନଙ୍କୁ ଦେଖି ପୁଣି ଥରେ ରାତିର ଭାବନା ମନଭିତରକୁ ପଶିଆସୁଥିଲା ନା ନା ମୁଁ ଭୂଲ କରିନି ଘର ଆଉ ଶୁଭେନ୍ଦୁକୁ ଛାଡିକି । ଠୀକ ଏତିକିବେଳେ ମୋ ମୋବାଇଲଟି ତା ଚିରାଚରିତ ସ୍ୱରରେ ମତେ କେହି ଖୋଜୁଥିବାର ସୂଚନା ଦେଲା । ମୁଁ ମୋବାଇଲ ଅନ କଲି ଆଉ ହାଲୋ କହିବା ପୂର୍ବରୁ ବିଶୁ କାକା କାନ୍ଦି କାନ୍ଦି କହୁଥିଲେ ମା ଶୁଭେନ୍ଦୁ ବାବୁ ଆଉ ଏ ଦୁନିଆରେ ନାହାନ୍ତି ପ୍ରଚୁର ମଦ୍ୟପାନ କରି କରି ଶେଷରେ ସେ.. ରୋଗଗ୍ରସ୍ତ ହୋଇ ଦୁନିଆ ଛାଡି ଚାଲିଯାଇଛନ୍ତି । କଣ କରିବି କିଛି ବୁଝି ପାରୁନଥିଲି । ଦୌଡ଼ି ଯାଇ ଶୁଭେନ୍ଦୁଙ୍କୁ କୋଳେଇ କାନ୍ଦିବାକୁ ଇଚ୍ଛା ହେଉଥିଲେ ମଧ ସେ ଘରର ଏରୁଣ୍ଡି ନଡେଇଁବାର ବଜ୍ର ଶପଥ ମୋ ଗୋଡ଼କୁ ଜାବୁଡି ଧରୁଥିଲା । ମୁଁ ବାରମ୍ବାର ସଜନା ଗଛର ଡାଳକୁ ଅନାଉଥିଲି ଆଉ ଦେଖୁଥିଲି ସେ ଗଛରେ ଥିବା ନୀଡ଼ଟି ଅଧା ଭାଙ୍ଗି ନଷ୍ଟ ହୋଇସାରିଥିଲା ।

+ବ୍ରହ୍ମପୁର
ମୋ : ୭୦୦୮୬୭୬୬୩୩

# ବଂଶବୃକ୍ଷ

ରନ୍ତିକାନ୍ତି ମିଶ୍ର

ଘରଭଡ଼ା ଦେବାକୁ ପ୍ରଥମେ ପ୍ରଥମେ ରାଜି ନଥିଲେ ପ୍ରକାଶ ବାବୁ । ଘରଭଡା ଦେବା ଉଦ୍ଦେଶ୍ୟରେ ବି ଦୁଇ ମହଲା ଘର କରି ନଥିଲେ ।

ପିଲାମାନେ ବଡ଼ ହେଲା ପରେ ଘର ଯେ ଆଉ ଘର ଭଳି ଲାଗିବ ନାହିଁ, ଘର ତୋଳିବା ବେଳେ କ'ଣ ମନକୁ ଆସିଥିଲା ! ଏମିତି ଭାବନା କାହାର ବି ଆସେ ନାହିଁ। ଚଢ଼େଇ ବସା ନୁହେଁ ଯେ ଛୁଆ ଟିକିଏ ବଢ଼ି ଡେଣା ମେଲି ଉଡ଼ି ଶିଖିଲେ ବାପା ମା'ଙ୍କଠାରୁ ଦୂରେଇ ଯିବେ ! ପୁଣି ନିଜ ଇଚ୍ଛାରେ ଅଲଗା ଜାଗାରେ ନୂଆ ବସା ବାନ୍ଧିବେ ।

ହେଲେ ଏକରକମ ସେଇଆ ହିଁ ହେଲା କହିଲେ ଚଳେ । ବାହାଘର ପରେ ଝିଅ ଦଶବର୍ଷ ଭିତରେ ସମୁଦାୟ ତିନି ଥର ଆସିଛି ଏଇ ଘରକୁ । ଜୋଇଁଙ୍କ ସାଙ୍ଗରେ ଝିଅ ଯାଇ ଏବେ ବିଦେଶରେ ।

ପୁଅ ପୁନେରେ ଚାକିରୀ କରୁଥିଲା । ଦୁର୍ଘଟଣାରେ ସେ ଜୀବନ ହରାଇବା ଏକ ହାହାକାରମୟ ସମୟ କଟାଇବାକୁ ପ୍ରକାଶ ବାବୁ ଏବଂ ପତ୍ନୀ ପୂରବୀଙ୍କୁ ଯେମିତି ବାଧ କରିଥିଲା ।

ଶେଷକୁ ପତ୍ନୀଙ୍କୁ ଏକାକୀତ୍ୱରୁ ମୁକୁଳେଇବାକୁ ଗୋଟିଏ ପରିବାରକୁ ଉପର ଘର ଭଡା ଦେବାକୁ ଠିକ୍ କଲେ ପ୍ରକାଶ ବାବୁ । 'ଟୁ ଲେଟ୍'ର ଛୋଟ ଫଳକଟିଏ ଲେଖାଇ ଗେଟ୍‌ରେ ଝୁଲେଇ ଦେଲେ ପ୍ରକାଶ ବାବୁ । କିଛି ଦିନ ଭିତରେ ସେଇ ଘରକୁ ଅକ୍ତିଆର କଲେ ଭଡାଟିଆ ହିସାବରେ ଦମ୍ପତି ଏବଂ ସେମାନଙ୍କର ଛୋଟ ପୁଅ । ସ୍ୱାମୀ ସ୍ତ୍ରୀ ଦୁଇଜଣ କର୍ମଜୀବୀ ।

ପାଞ୍ଚ ଛଅ ବର୍ଷର ପୁଅଟି ସ୍କୁଲରୁ ଫେରି ପ୍ରକାଶ ବାବୁଙ୍କ ଘରୁ ଚାବି ନେଇ ଘର ଖୋଲି ଏକା ଏକା ରହେ । ଟିଭି ଦେଖି ସମୟ କଟାଏ । କେତେବେଳେ ପୁଣି ଫୋନ୍‌ରେ କାହା ସହିତ କଥାବାର୍ତ୍ତା ହେବାର ଶୁଭେ ।

ବେଳେ ବେଳେ ବାଲକୋନୀ ପାଖକୁ ଆସି କେମିତି ଏକ ଉଦାସ ଆଖିରେ ଚାହିଁ ରହେ ତଳକୁ । ପୂରବୀ ଏ ସବୁ କଥା ସ୍ୱାମୀଙ୍କ ଆଗରେ କହିଲା ବେଳେ ଯେମିତି କାନ୍ଦ କାନ୍ଦ ହୋଇ ଯାଉଥିଲେ । ହେଲେ କାଳେ ପ୍ରକାଶ ବାବୁ ରାଗିବେ, ନିଜ ମନକଥା ଖୋଲି କହି ପାରୁନଥିଲେ ।

ଦିନେ ଠାକୁର ଘରୁ ପୂଜା ସାରି ପୂରବୀ ସେଇ କୁନି ପୁଅକୁ ନିଜ ଘରେ ଦେଖି ଅବାକ୍ ହୋଇଗଲେ ।

-'ତୁମ ଘରର ଅଙ୍କଲଙ୍କ ସାଙ୍ଗରେ ମୁଁ ଆସିଛି । ଆମ ଘରେ ଡାଡି, ମାମା ରହୁନାହାନ୍ତି ତ ମୋତେ ବହୁତ ବୋର୍ ଲାଗୁଛି । ମାମା କହୁଥିଲେ ତୁମେ ଦୁହେଁ ବେଶୀ ପାଟିଗୋଳକୁ ଭଲ ପାଅ ନା । ମୁଁ ଜମା ବଡ଼ ପାଟିରେ କଥା ହେବିନି । ପ୍ରମିଶ କରୁଛି । ଖାଲି ଟିକେ ଆସିବି ।'

ବାହାର କବାଟ ବନ୍ଦକରି ଭିତରକୁ ଆସି ଦେଖିଲେ ପୁଅଟି ପୂରବୀଙ୍କ କୋଳରେ ବସିଛି, ଆଉ ପୂରବୀଙ୍କ ଆଖିରେ ଲୁହ । ଏ ଲୁହ ଖୁସିର ବୋଲି ବୁଝିଗଲେ ପ୍ରକାଶ ବାବୁ ।

-'ସେ ଅଙ୍କଲ ନୁହନ୍ତି ବାବୁ, ତାଙ୍କୁ ଜେଜେ ଡାକିବୁ, ଆଉ ମୋତେ ଜେଜେ ମା' । ହେଲା ।'

-' ମୋ ନାଁ ପ୍ରୀତମ ।' ହସି ହସି କହିଲା ପିଲାଟି ।

କେତେଦିନ ଖୁବ୍ ହସଖୁସିରେ ସମୟ କଟିଯିବା ପରେ ପୁଣି ଉପର ଘରୁ ଶୁଭିଲା ଯେମିତି ଘଡଘଡି, ବଜ୍ରପାତର ଶବ୍ଦ । ସ୍ୱାମୀ ସ୍ତ୍ରୀଙ୍କ ଭିତରେ କୌଣସି ଗୋଟିଏ କାରଣ ନେଇ ନିତି ରାତିରେ ଉଚ୍ଚବାଚ, ଜିନିଷ ପତ୍ର ଫୋପଡା ଫୋପଡିର ଶବ୍ଦ ପୁରୁଣା ଅନୁଭୂତିକୁ ଦୋହରାଇଲା । ପୁଅକୁ ନେଇ କିଛି ଘଟଣା ଘଟିଛି ବୋଲି ସେମାନଙ୍କ କଥାବାର୍ତ୍ତାରୁ ଅନୁମାନ କରି ହେଉଥିଲା ।

ଦିନେ ରାତିରେ ପୂରବୀ ସ୍ୱାମୀଙ୍କୁ ନେଇ ଉପର ଘରକୁ ଗଲେ । ଗୋଟିଏ ବୋଲି ପୁଅର ଖୁସି ପାଇଁ, ତା'ର ଭବିଷ୍ୟତ ପାଇଁ ତୁମେ ଦୁହେଁ ପରସ୍ପରକୁ ବୁଝିବାକୁ ଚେଷ୍ଟା କର । ଯାହା କିଛି ମନ ଭିତରେ ଅଛି ନିଜ ନିଜ ଭିତରେ ଆଲୋଚନା କର, ନିଶ୍ଚୟ କିଛି ଗୋଟିଏ ବାଟ ବାହାରିବ.. ଇତ୍ୟାଦି ଇତ୍ୟାଦି କଥା ବୁଝାଇବାକୁ ଚେଷ୍ଟା କଲେ ଦୁହେଁ ।

ଏତେ ବୁଝାଇଲା ପରେ ବି ଅର୍ଣ୍ଣବ କିମ୍ବା ପ୍ରତ୍ୟୁଷାଙ୍କର ଆଟିଚୁଡ ଭଲ ଲାଗୁନଥିଲା । ମାତ୍ର ଛୋଟ ପୁଅଟିର ଉଦାସ ଆଖି ଦୁଇଟି ଦେଖି ପୂରବୀ ମନେ ମନେ ବହୁତ ଦୁଃଖିତ ହୋଇ ପଡିଲେ । ତା ପ୍ରତି ସ୍ନେହର ଅନ୍ତଃସଲିଳ ସ୍ରୋତଟିଏ ଯେମିତି ସ୍ୱତଃ ପ୍ରବାହିତ ହେଉଥିଲା ।

ତା ପରଠୁ ସବୁକିଛି ନର୍ମାଲ ଅବସ୍ଥାକୁ ଆସିଗଲା ଭଳି ଲାଗୁଥିଲା । ପୂରବୀଙ୍କ ମୁହଁରେ ପ୍ରସନ୍ନତା ଦେଖି ପ୍ରକାଶ ବାବୁ ବି ଖୁସି ଥିଲେ । ସେ ଖୁସି ମାତ୍ର ଅଳ୍ପ କେତେ ଦିନ ପାଇଁ ତିଷ୍ଠିଲା ।

ନିଜେ ପାଖକୁ ଆସି ନକହି ଉପରୁ ଥାଇ ପ୍ରତ୍ୟୁଷା ଫୋନ୍ କରି ଜଣେଇ ଦେଲା ଯେ ସେମାନେ ଇନଫୋସିସ୍ ପାଖାପାଖି ଗୋଟିଏ ଘରକୁ ସିଫ୍ଟ ହୋଇଯିବେ । ସେଇ ଇନଫୋସିସ୍‌ରେ ଦୁଇ ଜଣଙ୍କର ଜବ୍ ଠିକ୍ ହୋଇ ଯାଇଛି ।

ସେମାନେ ଗଲାପରେ ପ୍ରକାଶ ବାବୁଙ୍କ ମୁହଁରେ କେମିତି ଏକ ଉଦାସୀନତା ଖେଳି ଯାଉଥିଲା । ସେଇ ଛୋଟ ପୁଅଟି ଅଳ୍ପ ଦିନ ଭିତରେ ଯେମିତି ହୃଦୟରେ ଏକ ଶୂନ୍ୟସ୍ଥାନ ଭରି ଦେଇଥିଲା । ଦୁହେଁ ଗୁମସୁମ ହୋଇ ଯାଇଥିଲେ ପୁଅଟିର ଅବର୍ତ୍ତମାନରେ । ସେବେଠାରୁ ଆଉ ଘରଭଡା ଦେବାକୁ ମନ ବଳାଇ ନଥିଲେ ପ୍ରକାଶ ବାବୁ । ସହଧର୍ମିଣୀ ବି ଏଥିରେ ନିଜର ସମ୍ମତି ଜଣାଇଥିଲେ ।

ହଠାତ୍ ସେଦିନ ପ୍ରତ୍ୟୁଷାର ଫୋନ୍ ନମ୍ବର ଦେଖି ଆଶ୍ଚର୍ଯ୍ୟ ହେଲେ ପୂରବୀ । ଖୁସିରେ ଫୋନ୍ ଅନ୍ କଲେ ।

-'ଆଣ୍ଟି, ଘର ଛାଡ଼ିବା ଦିନଠାରୁ ପୁଅ ସବୁଦିନ ଜିଦ୍ କରୁଛି ଆପଣଙ୍କ ପାଖକୁ ବୁଲି ଯିବାକୁ । ଯେତେ ବୁଝାଇଲେ ବି ତା'ର ସେଇ ଏକା ଜିଦ୍ । ପ୍ରତି ରବିବାର ତାକୁ ଭୁଲାଇ ରଖୁଛି ମୁଁ । କାଲି ରବିବାର ଅଛି । ଆପଣ ଯଦି ଅନୁମତି ଦେବେ ପ୍ରୀତମକୁ ନେଇ ଆପଣଙ୍କ ପାଖରୁ ବୁଲାଇ ଆଣନ୍ତି ।'

ପୂରବୀ କିଛି ଉତ୍ତର ଦେବା ଆଗରୁ ଛଳଛଳ ଭାବର ସେଇ କଅଁଳ ସ୍ୱର ।

-'ଜେଜେ ମା' ନମସ୍କାର । ଜେଜେ କାହାନ୍ତି ? ତାଙ୍କୁ କହିଦେବ କାଲି ମୁଁ ଯିବି । ମୋ ପାଇଁ ଗୋଟିଏ ଡେରି ମିଲ୍କ ଚକୋଲେଟ ରଖିଥିବେ । ଦୁଇ ଦିନ ଆଗରୁ ମୋର ବାର୍ଥ ଡେ ଥିଲା । ତୁମେ କାହିଁକି ଉଇସ କଲନି ? ତୁମେ ମୋ ପାଇଁ କାକରା ପିଠା ରଖିଥିବ । ମୋତେ ସେଇ ପିଠା ଭଲ ଲାଗେ । ଜେଜେ କହିଥିଲେ ମୁଁ ପରୀକ୍ଷାରେ ଫାଷ୍ଟ ହେଲେ ମୋତେ ଟୟ୍ କାର୍ ପ୍ରେଜେଣ୍ଟ କରିବେ । ମୁଁ ପରୀକ୍ଷାରେ ଫାଷ୍ଟ ହୋଇଛି । ହେଲେ ମୋର କିଛି ଦରକାର ନାହିଁ । ଆନୁଆଲ ଏକଜାମରେ ଫାଷ୍ଟ ହେଲେ ଯାଇଁ ମାମା ମୋତେ ଟୟ୍ କାର୍ ଦେବେ ବୋଲି କହିଛନ୍ତି ।'

ଲୁହ ଟଳମଳ ଆଖିରେ ପୂରବୀ ଚାହିଁଲେ ସ୍ୱାମୀଙ୍କ ଆଡକୁ । ଲାଉଡ ସ୍ପିକର ଅନ୍ ଥିଲା ତ' ପ୍ରକାଶ ବାବୁ ବି ସବୁ ଶୁଣି ସାରିଥିଲେ । ମୁହଁ ବୁଲେଇ ଆଖି ପୋଛିଲେ ସେ ।

ପ୍ରକାଶ ବାବୁ ଘର ଭିତରେ କେତେବେଳୁ ଏପଟସେପଟ ହେଉଥିଲେ । କଲିଂ ବେଲ୍ ବାଜିବା କ୍ଷଣି କବାଟ ଖୋଲିଲେ । ସାମ୍ନାରେ ପ୍ରତ୍ୟୁଷା ଆଉ ପ୍ରୀତମ । ଅର୍ଣ୍ଣବ କିନ୍ତୁ ଆସି ନଥିଲେ ସାଙ୍ଗରେ । ପ୍ରତ୍ୟୁଷା ପ୍ରକାଶ ବାବୁଙ୍କ ପାଦ ଛୁଇଁବା ଭିତରେ ସେ ପ୍ରୀତମକୁ କୋଳେଇ ନେଇ ସାରିଥିଲେ ।

-' ଜେଜେ, ଜେଜେ ମା' କ'ଣ କରୁଛନ୍ତି ? ମୋ ପାଇଁ କାକରା ପିଠା କରୁଛନ୍ତି କି ?' କୋଳରୁ ଓହ୍ଲାଇ ପ୍ରୀତମ ଦୌଡିଲା ଘର ଭିତରକୁ ।

-' ଜେଜେ ମା' ତୁମର ନା ଜେଜେଙ୍କର ଆଜି ଜନ୍ମଦିନ ? ଘର କାହିଁକି ବେଲୁନରେ ସଜେଇଛ ?'

-' ମୁଁ ଜାଣିନି । ଯାଇ ଜେଜେଙ୍କୁ ପଚାର ।' ହସି ହସି କହିଲେ ପୂରବୀ ।

-'ମୋ ଗେହ୍ଲା ନାତି ଜନ୍ମଦିନ ତାରିଖ ମୁଁ ଜାଣିନଥିଲି ତ, ସେଥିପାଇଁ ଆଜି ତା ଜନ୍ମଦିନ ପାଳିବା ପାଇଁ ଠିକ୍ କଲି ।'

-' ଜାଣିଛ ଜେଜେ, ଡାଡି ମାମାଙ୍କ ସାଙ୍ଗରେ ଝଗଡା କରି ମୋ ବାର୍ଥ ଡେକୁ କିଛି କଲେନି ।'

ପ୍ରୀତମ ମୁହଁରେ ଥିଲା ଉଦାସିଆ ଚିହ୍ନ । ପ୍ରତ୍ୟୁଷା ଆଖିରେ ଲୁହ । ଏତିକି ବେଳକୁ କେକ ଆଣି ଟିପୟ ଉପରେ ରଖିଲେ ପୂରବୀ । କେକ୍ ଉପରେ ନିଜ ନାଁ ଦେଖି ଖୁସିରେ ଯେମିତି କୁରୁଳି ଉଠିଲା ପ୍ରୀତମ ।

-' ଆଇ ଲଭ୍ ୟୁ ଜେଜେ, ଜେଜେ ମା ।'

-' ଏତେ ସବୁ ଖେଳନା ମୋ ପାଇଁ ଆଣିଛ ଜେଜେ ? ଟୟ କାର ବି ! ହେଲେ ଡାଡି ରାଗିବେ ଏସବୁ ଦେଖି । ଏଇଠି ରଖିଥିବ । ମୁଁ ଯେବେ ଆସିବି ଖେଳିବି ।'

ପ୍ରକାଶ ବାବୁଙ୍କ ସଙ୍ଗରେ ପ୍ରୀତମ କଥାବାର୍ତ୍ତା ଭିତରେ ପୂରବୀ ଆଉ ପ୍ରତ୍ୟୁଷା କଥା ହେଉଥିଲେ ଭିତର ଘରେ ।

-' ଏଇ ପୁଅକୁ ନେଇ ଆମ ଭିତରେ ଯେତେ ସବୁ ମନାନ୍ତର, ମତାନ୍ତର, ଝଗଡା ଚାଲିଛି । ମୋ ବାହାଘର ବେଳକୁ ମୁଁ ପ୍ରେଗନାଣ୍ଟ ଥିଲି, ମାତ୍ର ଅର୍ଣ୍ଣବ ପୁଅର ଜନକ ନୁହଁନ୍ତି । ଆମେ ଏଠାରେ ଥିଲାବେଳେ ପ୍ରୀତମ ଗୋଟିଏ ସେଲଫି ନେଇଥିଲା । ମୁଁ ଏବେ ସେଇଟିକୁ ଭଲ ଭାବରେ ଦେଖିଲି ତ ଜାଣିଲି କାନ୍ଥରେ ଟଙ୍ଗା ହୋଇଥିବା ଫଟୋଟି ପ୍ରଣବଙ୍କର । ସେ ଆପଣଙ୍କ ପୁଅ ଆଉ ସେ ହିଁ ପ୍ରୀତମର ବାପା । ଆମ ଦୁହିଁଙ୍କର ସମ୍ପର୍କ ବିଷୟରେ ଆପଣମାନଙ୍କୁ ସୂଚନା ଦେବା ଆଗରୁ ସେ ଚାଲିଗଲେ ।

ପ୍ରଣବ ଆଉ ମୋର ରିଲେସନ ବିଷୟରେ ଅର୍ଣ୍ଣବ ଜାଣିଥିଲେ । ପ୍ରଣବଙ୍କ ଘନିଷ୍ଠ ବନ୍ଧୁ ହିସାବରେ ସେ ବି ମୋ ପ୍ରେଗନାନସି ବିଷୟରେ ଜାଣିଥିଲେ । ଅର୍ଣ୍ଣବଙ୍କ ବାଇକ୍ ପଛରେ ବସି ପ୍ରଣବ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ସେଇଥି ପାଇଁ ହିଁ ଅର୍ଣ୍ଣବ ବଦାନ୍ୟତା ଦେଖାଇ ମୋତେ ବାହା ହେବାକୁ ପ୍ରସ୍ତାବ ଦେଇଥିଲେ । ମୁଁ କିନ୍ତୁ ସେତେବେଳେ ଏ ପ୍ରସ୍ତାବରେ ରାଜି ହୋଇନଥିଲି । ହେଲେ ବାପା ମାଆ ମୋ ଅବସ୍ଥା ଜାଣି ମୋତେ ଅର୍ଣ୍ଣବଙ୍କୁ ବାହା ହେବା ପାଇଁ ବାଧ କରିଥିଲେ ।

ଅର୍ଣ୍ଣବ ଏମିତି ମଣିଷ ହିସାବରେ ଭଲ । କିନ୍ତୁ ପ୍ରୀତମକୁ ତାଙ୍କ ପରିବାର ଗ୍ରହଣ କରିବାକୁ ରାଜି ନାହାନ୍ତି । ତାକୁ ଅନାଥାଶ୍ରମରେ ରଖିବାକୁ ସେ ମୋତେ ବାଧ କରି ଆସୁଛନ୍ତି ।

ଏ ପ୍ରସ୍ତାବରେ ଯେହେତୁ ମୁଁ ରାଜି ନୁହେଁ ଆମ ଦୁହିଁଙ୍କର ସମ୍ପର୍କ ସେତେ ଭଲ ନାହିଁ । ଆଣ୍ଟି ମୁଁ ଭାବୁଚି ଅର୍ଣ୍ଣବଙ୍କୁ ଏ ବନ୍ଧନରୁ ମୁକ୍ତ କରିଦେବି । ମୋ ପୁଅକୁ ନେଇ ମୁଁ ଟିକେ ଶାନ୍ତିରେ ବଞ୍ଚିବାକୁ ଚାହେଁ । ମୁଁ ତ ରୋଜଗାର କରୁଛି । କିଛି ଅସୁବିଧା ହବନି ବୋଲି ଭାବୁଛି । ଛୁଆଟାର କି ଭୁଲ୍ । ତା'ର ଖୁସି ଆମ ପାଇଁ କାହିଁକି ପ୍ରତିହତ ହେବ ?'

କୋହଭରା କଣ୍ଠରେ ନିଜ ଜୀବନର ପ୍ରତି ପୃଷ୍ଠା ଖୋଲି ଦେଇ

# ବିପଦରେ ୮ଶହ ବର୍ଷ ପ୍ରାଚୀନ ଶଙ୍କରାନନ୍ଦ ମଠ: 'ଏଏସ୍‌ଆଇ ସଂରକ୍ଷିତ ସ୍ମାରକୀ ଘୋଷଣା କରାଯାଉ'

ପୁରୀ, ୧୭/୩ (ନି.ପ୍ର): ବିପଦରେ ୮ଶହ ବର୍ଷର ପ୍ରାଚୀନ ଶ୍ରୀଶଙ୍କରାନନ୍ଦ ମଠର ଐତିହ୍ୟ କୀର୍ତ୍ତିରାଜି। ମଠର ସମ୍ମୁଖ ଭାଗ ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି। ଶିଡ଼ି ଭାଙ୍ଗିଗଲାଣି। ଦେଳବେଦିର ସ୍ଥିତି ଦୟନୀୟ। ପ୍ରବେଶ ଦ୍ୱାର ଭାଙ୍ଗିରୁଜି ଯାଇଛି। ଏବେ ବି ବହୁ ଐତିହ୍ୟ କୀର୍ତ୍ତିରାଜି ମଠ ମଧ୍ୟରେ ମହଜୁଦ ଅଛି। କିନ୍ତୁ ତା'ର ରକ୍ଷଣାବେକ୍ଷଣ ନେଇ ପ୍ରକ୍ରିୟା ଆରମ୍ଭ ହେଲାନାହିଁ। ସର୍ବପ୍ରାଚୀନ ମଠ ହୋଇଥିବାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ସଂରକ୍ଷିତ ତାଲିକାରେ ସ୍ଥାନ ଦେବା ନେଇ ଦାବି ହୋଇଛି। ମାତ୍ର ନା ଏଏସ୍‌ଆଇ ଆଗ୍ରହ ଦେଖାଉଛି, ନା ଏନେଇ ସରକାରୀ ସ୍ତରରେ ଆନ୍ତରିକତା ପ୍ରକାଶ ପାଉଛି। ଫଳରେ ମଠର ଐତିହ୍ୟ କୀର୍ତ୍ତି ମାଟିରେ ମିଶିଯିବା ନେଇ ଆଶଙ୍କା ଦେଖା ଦେଇଛି।

ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡର ସଭାପତି ଦୁର୍ଗା ପ୍ରସାଦ ମିଶ୍ର ଓ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଆଠଶହ ବର୍ଷ ପୁରାତନ ଏହି ଐତିହ୍ୟସମ୍ପନ୍ନ ମଠର ସୁରକ୍ଷା ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ମରାମତି ପାଇଁ ଅର୍ଥ ମଧ୍ୟ ଆସୁଛି। କିନ୍ତୁ ମଠର ସ୍ଥିତି ଏତେ ଦୟନୀୟ ଯେ ଯଦି ଶୀଘ୍ର ସମ୍ପୂର୍ଣ୍ଣ ମଠ ଓ ଐତିହ୍ୟ କୀର୍ତ୍ତିରାଜିକୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରା ନଯାଏ ତେବେ ମଠ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ନିକଟରେ ୧୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲେ ହେଁ ଏଥିରେ କେବଳ ମଠ ମଧ୍ୟରେ ଥିବା ମନ୍ଦିରର କିଛି କାମ କରିବା ସମ୍ଭବ ହୋଇପାରିଛି। ଐତିହ୍ୟ ବିଶାରଦ ଡ. ମିଶ୍ର କହିଛନ୍ତି, ଶିବ ଭକ୍ତ ବାଳବ୍ରହ୍ମାନନ୍ଦ ସ୍ୱାମୀ ଦକ୍ଷିଣ ଭାରତରୁ ଆସି ଗଜପତିଙ୍କ ସନନ୍ଦ ଦେଇ ଏହି ମଠ ସ୍ଥାପନ କରାଇଥିଲେ। ଶ୍ରୀଶଙ୍କରାନନ୍ଦଙ୍କ ପାଣ୍ଡିତ୍ୟ, ନିଷ୍ଠା ଓ ମହାପ୍ରଭୁଙ୍କ ପ୍ରତି ସମର୍ପିତ ମାନସିକତାକୁ ଦେଖି ଗଜପତି ମହାରାଜା ତାଙ୍କୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ଦେଇଥିଲେ।

ଶ୍ରୀଲୋକନାଥ ଓ ମଙ୍ଗଳା ନଦୀ ଉପତ୍ୟକାରେ ଥିବା ଶ୍ରୀକପିଳେଶ୍ୱର ମନ୍ଦିରର ଦାୟିତ୍ୱ ମଧ୍ୟ ନେଇଥିଲେ। ପରେ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଢେଙ୍କାନାଳ କପିଳାସରେ ଥିବା ଶ୍ରୀଚନ୍ଦ୍ରଶେଖରଙ୍କ ପରିଚାଳନା ଭାର ମଧ୍ୟ ଗ୍ରହଣ କରିଥିଲା ଏହି ମଠ। ପୁରୀ ମଠର ଗୋଟିଏ ଶାଖା କପିଳାସରେ ଓ ଭୁବନେଶ୍ୱରରେ ଆଜି ବି ଅଛି। ଶ୍ରୀଶଙ୍କରାଚାର୍ଯ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ପ୍ରଥମେ ଶଙ୍କରାନନ୍ଦ ମଠରେ ଅବସ୍ଥାନ କରିଥିଲେ। ଶ୍ରୀଶଙ୍କରାଚାର୍ଯ୍ୟ ପୀଠର ପ୍ରଥମ ଜଗଦ୍‌ଗୁରୁ ପଦରେ ଅଭିଷିକ୍ତ ହୋଇଥିବା ଶ୍ରୀପଦ୍ମପାଦାଚାର୍ଯ୍ୟ ସମୁଦ୍ରକୂଳରେ ପୀଠ ନିର୍ମାଣ ଶେଷ ପର୍ଯ୍ୟନ୍ତ ଶ୍ରୀଶଙ୍କରାନନ୍ଦ ମଠରେ ରହିଥିଲେ। ଏହି ମଠର ସ୍ୱାମୀ ଶ୍ରୀଧରସ୍ୱାମୀ ଭାଗବତର ସର୍ବଶ୍ରେଷ୍ଠ ଟୀକା ରଚନା କରିଥିଲେ। ତାଙ୍କ ଉପାସିତ ଶ୍ରୀନୃସିଂହ ବିଗ୍ରହ ମଠରେ ଏବେ ବି ଉପାସିତ।

ଗଙ୍ଗବଂଶର ଅନଙ୍ଗଭୀମ ଦେବ ପ୍ରଥମ ସନନ୍ଦରେ ମଠକୁ ଶ୍ରୀମନ୍ଦିର ପରିଚାଳନା, ମଠ ପାଇଁ ମହାପ୍ରସାଦ ଖଞ୍ଜା ଦେଇଥିଲେ। ରାଜା ଭାନୁଦେବ ଦ୍ୱିତୀୟ ସନନ୍ଦରେ ଶ୍ରୀଲିଙ୍ଗରାଜ ମନ୍ଦିର ପରିଚାଳନା ଏବଂ ଏକାମ୍ରରେ ମଠ ପ୍ରତିଷ୍ଠା ଅଧିକାର ଦେଇଥିଲେ। ରାଜା ନରସିଂହଦେବ ତୃତୀୟ ସନନ୍ଦରେ ଶ୍ରୀଲୋକନାଥ ମନ୍ଦିର ପରିଚାଳନା ଏବଂ ଓଡ଼ିଶାର ଶିବ ମନ୍ଦିରମାନଙ୍କରେ ପର୍ଯ୍ୟବେକ୍ଷଣ ଦାୟିତ୍ୱ ଦେଇଥିଲେ। ରାଜା ପ୍ରତାପ ଭାନୁଦେବ ଚତୁର୍ଥ ସନନ୍ଦରେ କପିଳେଶ୍ୱର ମନ୍ଦିର ଅଧିକାରୀ ଉପାଧି ଦେଇଥିଲେ। ପଞ୍ଚମ ସନନ୍ଦରେ ଶ୍ରୀମନ୍ଦିରକୁ ଦୁଇଟି ମଶାଲ ନେଇ ଯିବାର ଅଧିକାର ଦେଇଥିଲେ। ଏହାବ୍ୟତୀତ ଶ୍ରୀଭାନୁଦେବଙ୍କଠୁ ନେଇ ମୟୂରଭଂଜର ଯଦୁନାଥ ଭଞ୍ଜଙ୍କ ପର୍ଯ୍ୟନ୍ତ ରାଜାମାନେ ୨୮ ଗ୍ରାମର ତାମ୍ରପତ୍ର ଦେଇଥିଲେ। ମାତ୍ର ମଠର ମଠାଧୀଶ ଦୀର୍ଘବର୍ଷ ହେଲା ନରହିବାରୁ ଧୀରେଧୀରେ ସବୁ ଅଧିକାର ଲୁପ୍ତ ହୋଇଯାଇଛି। ତେଣୁ ଏହି ସର୍ବପ୍ରାଚୀନ ମଠକୁ ଏଏସ୍‌ଆଇ ସଂରକ୍ଷିତ ସ୍ମାରକୀ ଘୋଷଣା କରାଯାଇ ସମ୍ପୂର୍ଣ୍ଣ ଭାବେ ଏହାର ଦାୟିତ୍ୱ ନେବାକୁ ଡ. ମିଶ୍ର ଦାବି କରିଛନ୍ତି।

# ମେଣ୍ଢାଶାଳ ପୋଲିସ ଆଉଟ ପୋଷ୍ଟ ଶିଳ୍ପାଂଚଳ ପୋଲିସ ଷ୍ଟେସନ ଭାବେ ଉନ୍ନୀତ

## ନିୟୋଜିତ ହେବେ ୪୧ ଅଧିକାରୀ ଓ କର୍ମଚାରୀ, ୩୪ଟି ନୂତନ ପଦବୀ

ଭୁବନେଶ୍ୱର, ୧୭/୩ (ନି.ପ୍ର): ଭୁବନେଶ୍ୱର ସହରାଂଚଳ ପୋଲିସ ଜିଲ୍ଲା ମଧ୍ୟରେ ମେଣ୍ଢାଶାଳ ଅଂଚଳ ଏକ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଂଚଳ ଭାବେ ଗଢିଉଠୁଛି। ସେହି ଅଂଚଳରେ ଆଇଆଇଟି, ନାଲକୋ ଆର ଆଣ୍ଡ ଡି ସେଂଟର, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଜିଆଇଇଟି ପରି ଅନେକ ଜାତୀୟ ସ୍ତରର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ରହିଛି । ଏହାସହିତ ବଢୁଥିବା ଲୋକସଂଖ୍ୟା ଓ ଆବାସିକ କଲୋନୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମେଣ୍ଢାଶାଳରେ ଥିବା ପୋଲିସ ଆଉଟ ପୋଷ୍ଟକୁ ଏକ ଶିଳ୍ପାଂଚଳ ପୋଲିସ ଷ୍ଟେସନ ଭାବେ ଉନ୍ନୀତ କରିବାକୁ ନିଷ୍ପତି ନେଇଛନ୍ତି।

ଏହି ନୂତନ ପୋଲିସ ଷ୍ଟେସନଟି ୧୫୦ ବର୍ଗ କିଲୋମିଟର ପରିମିତ ଏବଂ ଏକ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଂଚଳରେ ୪ଟି ଗ୍ରାମ ପଂଚାୟତ ଏବଂ ବିଏମସିର ଗୋଟିଏ ୱାର୍ଡକୁ ଆଂଶିକ ଭାବେ ନେଇ କାର୍ଯ୍ୟ କରିବ।

ଏଥିପାଇଁ ୩୪ଟି ନୂଆ ପଦବୀ ସୃଷ୍ଟି କରାଯିବ। ପୂର୍ବରୁ ଏହି ଆଉଟ ପୋଷ୍ଟରେ ୫ ଜଣ କର୍ମଚାରୀ ଅଛନ୍ତି ଏବଂ ୨ଟି ପଦବୀ ଏସ୍.ପି ପୋଲିସ ମୋଟର ଟ୍ରେନିଂ ସଂସ୍ଥାରୁ ନିୟୋଜିତ କରାଯିବ। ଏହିପରି ଏହି ଥାନାରେ ସମୁଦାୟ ୪୧ ଜଣ ଅଧିକାରୀ ଓ କର୍ମଚାରୀ ରହିବେ । ଏହି ୩୪ଟି ନୂତନ ପଦବୀ ଗୁଡିକ ହେଉଛି – ଗୋଟିଏ ଇନ୍‌ସପେକ୍ଟର, ୪ଟି ସବ୍‌ଇନ୍ ?ସିପେକ୍ଟର, ୬ଟି ଏ.ଏସ୍.ଆଇ, ୨ଟି ହାବିଲଦାର ଓ ୨୧ଟି କନେଷ୍ଟବଳ। ପୂର୍ବରୁ ଥିବା ୫ଟି ପଦବୀ ହେଉଛି – ଗୋଟିଏ ସବ୍‌ଇନ୍‌ସପେକ୍ଟର ଓ ୪ଟି କନେଷ୍ଟବଳ।

# କାର୍ - ଟ୍ରକ ଧକ୍କା: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କୋରାଇ, ୧୭/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ଆଜି ଅପରାହ୍ନରେ କାର ସହିତ ଟ୍ରକ ଧକ୍କା ହୋଇଛି। ହେଲେ ଟ୍ରକ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧିଯୋଗୁ କାରରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତି ଯାଇଛନ୍ତି। ପ୍ରକାଶଯେ ୨୦ ନମ୍ବର ଜାତୀୟ ରାଜପଥରେ ଯାଜପୁରରୋଡ ଆଡୁ ଏକ ଟ୍ରକ୍ (ଓଡି ୩୫ଏଫ ୩୯୨୧) ଆସୁଥିବା ବେଳେ ପାଣିକୋଇଲି ବଜାରେ ତାକୁ ଏକ କାର (ଓଡି ୩୩ ଏକେ୨୨୦୮) ବାମ ପଟେ ଅତିକ୍ରମ କରିଥିଲା । ଫଳରେ କାରଟି ଟ୍ରକ୍ ଓ ରାସ୍ତାର ମଝିରେ ଚାପି ହୋଇଯାଇଥିଲା । ଟ୍ରକର ଚାଳକ ଗାଡିକୁ ବ୍ରେକମାରି ଅଟକାଇକାଇ ଦେବାରୁ କାର ଟି ନିଶ୍ଚିନ୍ତ ବଡ ଦୁର୍ଘଟଣାରୁ ରକ୍ଷା ପାଇବା ସହ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ସେହିପରି ସେହି ସ୍ଥାନରେ ସମଭାବେ ଏକ ଟ୍ରଲର (ଏନଏଲ ୦୧ଏଏଚ ୩୩୬୫ ଆସୁଥିବା ବେଳେ ଏକ ଇନୋଭା କାର ନଂ( ଓଡି୦୨ଏଡବ୍ଲ୍ୟୁ ୭୩୫୫) ପଶିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି । ହେଲେ ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି । ଘଟଣାସ୍ଥଳେ ପୁଲିସ ପହଂଚି ତଦନ୍ତ ଜାରି ରଖିଛି ।

# ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ମାଲକାନଗିରି, ୧୭/୩ (ନି.ପ୍ର): ସ୍ଥାନୀୟ ସରକାରୀ ବହୁବୃତି ଶିକ୍ଷାନୁଷ୍ଠାନରେ ଏକ ଦିବସୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଇଞ୍ଜିନିଅର ଜ୍ଞାନରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତପନ କୁମାର ରଥ, ଅତିରିକ୍ତ ପୋଲିସ ଅଧୀକ୍ଷକ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସମ୍ମାନିତ ଅତିଥି ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ପୂର୍ଣ୍ଣିମା ଡୁରକା ଶ୍ରମିକ ଅଧିକାରୀ, ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଇଂ. ଭିକାରୀ ଚରଣ ମଲ୍ଲିକ ସହକାରୀ ସାଧାରଣ ପରିଚାଳକ ବାଲିମେଳା ଜଳ ବିଦ୍ୟୁତ ବିଭାଗ, ସ୍ୱତନ୍ତ୍ର ଅତିଥି ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଏକ୍ସପର୍ଟ ଗ୍ରାମୀଣ ଭାରତ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ନେହେରୁ ଯୁବକେନ୍ଦ୍ର ମାଲକାନଗିରି ହରିଶ ରୁପାଲ ମଂଚ ପରିଚାଳନା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପିକା ନମିତା ଦଣ୍ଡସେନା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟ, ସରକାରୀ ଶିଳ୍ପ ପ୍ରତିଷ୍ଠାନ, ସରକାରୀ ଇଞ୍ଜିନିଅର ସ୍କୁଲ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ସମେତ ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ନୂଆ ଭାରତ, ନୂଆ ପ୍ରଚେଷ୍ଟା, ନାରୀ ସଶକ୍ତିକରଣ, କ୍ରୀଡା ଏବଂ ଶିଶୁ ଶ୍ରମିକ ପ୍ରଥା, ବାଲ୍ୟ ବିବାହ ଇତ୍ୟାଦି ବିଷୟରେ ଭାଗ ନେଇଥିଲେ। ୫ଟି ଯୁବକ ସଂଘକୁ ସମ୍ମାନିତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସ୍କୁଲର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ସଭାଶେଷରେ ଅଧ୍ୟାପକ ବିପିନ ବିହାରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟକଙ୍କୁ ନିଜ ଅଂଚଳର ସମସ୍ୟା ଜଣାଇଲେ ଗ୍ରାମବାସୀ

ମାଲକାନଗିରି, ୧୭/୩ (ନି.ପ୍ର): ବିଭିନ୍ନ ସମସ୍ୟାକୁ ନେଇ ଆଜି ମାଲକାନଗିରି ବ୍ଲକର ସିନ୍ଦ୍ରିମାଳ ଗ୍ରାମପଂଚାୟତ ଅନ୍ତର୍ଗତ କୁକୁଡ଼ାଗୁଡା, ମନୁସକୋଣ୍ଡା, ଇଜାରିଗୁଡ଼ା, ବେଣ୍ଡଗୁଡା, ଏରାକୁସୁମ, କଙ୍ଗଡି ଓ ତେନ୍ତୁଳିଗୁଡା ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଏକ ବୈଠକ ଆୟୋଜନ କରିଥିଲେ । ଉକ୍ତ ଆୟୋଜିତ ସଭାରେ ମାଲକାନଗିରି ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳ ସଭାପତି ମାନସ ମାଡକାମି ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ସମସ୍ତ ଗ୍ରାମର ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ଉପରେ ବିଶେଷ ଭାବେ ଆଲୋଚନା କରିଛନ୍ତି । ବିଶେଷ ଭାବେ ମହିଳାମାନେ ମିଶନ୍ ଶକ୍ତି ଗୃହ ପାଇଁ ଦାବି ଜଣାଇଥିବା ବେଳେ ନୂତନ ନଳକୂପ, ଯୁବ ଛାତ୍ର ପିଲାଙ୍କ ପାଇଁ ଖେଳ ପଡିଆ, ଗ୍ରାମ ଦେବୀମନ୍ଦିରର ଉନ୍ନତିକରଣ ଏବଂ ନୂତନ ଚର୍ଚ୍ଚ ଗୃହ ସହ ସମସ୍ତ ଗ୍ରାମରେ ଯୁବ ଗୋଷ୍ଠି କେନ୍ଦ୍ର ନିର୍ମାଣ ପାଇଁ ସମସ୍ତ ଗ୍ରାମବାସୀ ଦାବି ଜଣାଇଛନ୍ତି । ଉକ୍ତ ସଭାରେ ଜିଲ୍ଲା ବିଜୁ ଜନତା ଦଳର ମିଡିଆ ସଂଯୋଜକ ସଦାନନ୍ଦ ଖରା, ସ୍ଥାନୀୟ ସରପଂଚ ଘାସି ନାୟକ, ବିଜେଡି ଯୁବ ନେତା କେ. ରାହୁଲ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମର ୱାର୍ଡ ସଭ୍ୟ, ଗ୍ରାମ ମୁଖିଆ, ବିଜୁ ଜନତା ଦଳର ସକ୍ରିୟ କାର୍ଯ୍ୟକର୍ତାଙ୍କ ସହ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ବିଧୁଭୂଷଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବହୁ ଭାଷୀ କବିତା ଆସର

ବଲାଙ୍ଗୀର, ୧୭/୩ (ନି.ପ୍ର): ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ଅଗ୍ରସେନ ଭବନ ତୁଷୁରା ଠାରେ ବିଧୁଭୂଷଣ ସାହିତ୍ୟ ସଂସଦ, ତୁଷୁରା ଆନୁକୂଲ୍ୟରେ ଅଧ୍ୟକ୍ଷ ଅଖିଳ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଓ ସଂପାଦକ ଆଶୁକବି ହେମନ୍ତ ଦାଶଙ୍କ ସଭା ସଂଚାଳନରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ସଚ୍ଚିଦାନନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜୟ ଗୋପାଳ ଗୁରୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସୁରେଶ ଚନ୍ଦ୍ର ସାହୁ, ବ୍ୟଙ୍ଗକବି ପ୍ରମୋଦ କୁମାର ବୈଠାରୁ, ପ୍ରଜ୍ଞାପ୍ରାଣ ଗୋପିକୃଷ୍ଣ ପାଣ୍ଡିଆ ପ୍ରମୁଖ ଯୋଗଦେଇ ଥିଲେ। କବୟିତ୍ରୀ ଆହ୍ଲାଦିନୀ ପାଣିଗ୍ରାହୀ ଦାଶ ଓ କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀଙ୍କ ସଂଯୋଜନାରେ ଉପସ୍ଥିତ କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ବ୍ୟଙ୍ଗକବି ସୁଶାନ୍ତ ମିଶ୍ର ଓ ପ୍ରମୋଦ କୁମାର ବୈଠାରୁ ବ୍ୟଙ୍ଗକବିତା ଶୁଣାଇ ଦର୍ଶକଙ୍କୁ ଖୁବ୍ ହସାଇଥିଲେ। କବୟିତ୍ରୀ ହୀରାବତୀ ସାହୁ, ପଦ୍ମାଳୟା ଗୁରୁ ଏବଂ କବି ଭକ୍ତ ବନ୍ଧୁ ସାହୁ, ସନ୍ତୋଷ କୁମାର ବେହେରା, ପ୍ରହଲ୍ଲାଦ ଦଣ୍ଡସେନା, ନିତ୍ୟାନନ୍ଦ ଷଡ଼ଙ୍ଗୀ, ଦେବାଶିଷ ମହାପାତ୍ର, ଚୁଟୁ ନାଗ, ଉମାକାନ୍ତ ବଗର୍ତୀ, ଶୁଭେନ୍ଦୁ ଷାଣ୍ଡ, ବ୍ୟାସଦେବ ମେହେର, ଅନ୍ତର୍ଯ୍ୟାମୀ ବରିହା, ନାରାୟଣ ଜାଲ, ରାଜୀବ ପ୍ରସାଦ ଭୋଇ, କ୍ଷୀରେଶ୍ୱର ଦଳବେହେରା, ଗଜେନ୍ଦ୍ର ବାଗ, ଜୟରାମ ସାହୁ, ସୁଧାକର ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ଭକ୍ତ ବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝିଅମାନଙ୍କ ପାଇଁ 'ଅଗ୍ନିବୀର' ଏକ ଦିବସୀୟ କର୍ମଶାଳା

ଭବାନୀପାଟଣା, ୧୭/୩ (ନି.ପ୍ର): ଆଜି ସ୍ଥାନୀୟ ଟାଉନ ହଲ ଠାରେ ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନା ତଥା ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବିଭିନ୍ନ କଲେଜର ଛାତ୍ରୀ ମାନଙ୍କ ସକାଶେ ଅଗ୍ନିବୀର ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ତାଲିମ ଓ ପରାମର୍ଶ ଶିବିରର ଅୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଅୟୋଜନ କରଯାଇଥିଲା। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତି ସଂଯୁକ୍ତା ବେହେରା ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳନ୍ଦୁ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ନିୟୋଜନ ଅଧିକାରୀ ଅଜିତ ଉତରାୟ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସ୍ୱର୍ଣଲତା ମହାନ୍ତି, ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଛାତ୍ରୀମାନଙ୍କୁ ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଭାରତୀୟ ସେନା ତରଫରୁ ଗୋପାଳପୁର ସ୍ଥିତ ଆର୍ମି ରିକ୍ରୁଟମେଂଟ ଅଫିସରୁ ସୁବେଦାର ମେଜର ସଂଜୀବ କୁମାର ଦୀକ୍ଷିତ ଯୋଗଦାନ କରି ଛାତ୍ରୀମାନଙ୍କୁ ଅଗ୍ନିବୀର ପାଇଁ କିପରି ପ୍ରସ୍ତୁତ କରିବେ, ଏହାର ସୁବିଧା, ସୁଯୋଗ ତଥା ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରି ଦେଶର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ପ୍ରଗତି ମହାବିଦ୍ୟାଳୟ, ବିକାଶ ଆବାସିକ ମହାବିଦ୍ୟାଳୟ ଓ ଶାସ୍ତ୍ରିଜି ମହିଳା ମହାବିଦ୍ୟାଳୟର ସର୍ବମୋଟ ୧୮୦ ଜଣ ଛାତ୍ରୀ ଓ ଏନ୍ ସି ସି କ୍ୟାଡେଟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିଶୁ ସୁରକ୍ଷା କାର୍ଯ୍ୟଳୟର ଅଂଶୁମାନ ବାବୁ ଓ ଅନ୍ୟ କର୍ମକର୍ତା ସହଯୋଗ କରିଥିଲେ।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଲେ ବିଚାରପତି

କେନ୍ଦୁଝର , ୧୭/୩ (ନି.ପ୍ର): ଶନିବାର ଦିନ କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟ ର ମାନ୍ୟବର ବିଚାରପତି ବିଜୟ କ

## ଘରୋଇ କୋଚିଂ ସେଣ୍ଟର ପାଇଁ କେନ୍ଦ୍ରର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

କେନ୍ଦ୍ରର ସମସ୍ତ ଛାତ୍ର ଏବଂ କର୍ମଚାରୀଙ୍କ ପାଇଁ ନିରାପଦ ଏବଂ ପାନୀୟ ଜଳ ଉପଲବ୍ଧ ହେବ । ଆବଶ୍ୟକ ସ୍ଥଳେ ସିସିଟିଭି କ୍ୟାମେରା ସହିତ କୋଚିଂ ସେଣ୍ଟର ଫିଟ୍ ହୋଇପାରେ । ବେଳେବେଳେ ଏହା ସରକାରଙ୍କର ଦୃଷ୍ଟିଗୋଚର ହୋଇଛି ଯେ କେତେକ ଶିକ୍ଷାନୁଷ୍ଠାନ ଅଯଥା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠର ବୋଝ ଲଦିଦେଇ ମାନସିକ ଚାପ ସୃଷ୍ଟି କରାଯାଉଛି । ଫଳରେ ଅକାଳରେ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା ଭଳି ଘୃଣ୍ୟ କାମ କରିବାକୁ ପଛାଉନାହାନ୍ତି । ତେଣୁ ଆଗାମୀ ଦିନରେ ଏ ସବୁ ଚାପ ସୃଷ୍ଟି ନକରିବା ପାଇଁ କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି । ମାନସିକ ଭାରସାମ୍ୟର ସନ୍ତୁଳନ ରକ୍ଷା କରିବା ପାଇଁ କୋଚିଂ ସେଣ୍ଟରଗୁଡ଼ିଏ ସାପ୍ତାହିକ ଛୁଟି ଆଗୁଆ ଘୋଷଣା କରିବେ ଏବଂ ଛୁଟି ସମୟରେ କୌଣସି ମୂଲ୍ୟାଙ୍କନ-ପରୀକ୍ଷା କରିପାରିବେ ନାହିଁ । କେବଳ ପାଠ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ ବିଷୟ ଗୁଡ଼ିକ ଶିକ୍ଷା ନଦେଇ ବରଂ ପିଲାମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ଅନେକ ଗୁଡ଼ିଏ ଆଦର୍ଶବାଦ ଶିକ୍ଷା ଓ ନୈତିକ ଶିକ୍ଷା ଯଥା ଜୀବନ କୌଶଳ, ବୈଜ୍ଞାନିକ ସ୍ୱଭାବ ଏବଂ ପ୍ରମାଣ-ଆଧାରିତ ଚିନ୍ତାଧାରା; ସୃଜନଶୀଳତା ଏବଂ ଅଭିନବତା,ଫିଟନେସ୍ ଆଦି ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ସରକାର । ଅନୁଷ୍ଠାନରେ ନାମଲେଖା ପୂର୍ବରୁ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କର ଅଭିଭାବକ ମାନଙ୍କୁ କୋଚିଂ ସେଣ୍ଟରର ନିୟମ ସମ୍ପୂର୍ଣ୍ଣ ରୂପେ ଅବଗତ କରାଯିବ । ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଗତ ପରିବେଶ, ସାଂସ୍କୃତିକ ଜୀବନ,ବିଷୟରେ ସେମାନଙ୍କୁ ଶିକ୍ଷାଦାନ କରାଯାଇ ସଚେତନ କରାଯିବ । ଶିକ୍ଷାର୍ଥୀମାନଙ୍କର ଦକ୍ଷତା ବିକାଶ ପାଇଁ ନିୟମିତ ବ୍ୟବଧାନରେ ପରୀକ୍ଷା କରିପାରିବେ । ଏହାର ଫଳାଫଳକୁ କାର୍ଯ୍ୟ ଦକ୍ଷତାର ନିୟମିତ ବିଶ୍ଳେଷଣ ପାଇଁ ବ୍ୟବହୃତ କରାଯାଇପାରେ କିନ୍ତୁ ମୂଲ୍ୟାଙ୍କନ ପରୀକ୍ଷଣର ଫଳାଫଳକୁ ସାର୍ବଜନୀନ କରାଯିବ ନାହିଁ । ଯେଉଁମାନଙ୍କର ପରୀକ୍ଷାରେ ଆଶାନୁରୂପ ପ୍ରଦର୍ଶନ କରିପାରୁନାହାନ୍ତି ସେମାନଙ୍କୁ ପରାମର୍ଶ ଦେଇ ସେମାନଙ୍କର ମନୋବଳକୁ କିଭଳି ଭାବେ ଉତ୍ସାହିତ ହେବ ତାହା ଉପରେ ଗୁରୁତ୍ୱ ଦେବେ ସମ୍ପୃକ୍ତ ଅନୁଷ୍ଠାନ । ଏତଦ୍ବ୍ୟତୀତ କୋଚିଂ ସେଣ୍ଟର ତାର ନିଜର ବାର୍ଷିକ ଅର୍ଥ କାରବାରର ସମ୍ପୂର୍ଣ୍ଣ ବିବରଣୀ ରେକର୍ଡ କରିବେ । କୌଣସି ପରିସ୍ଥିତିରେ ସରକାରଙ୍କର ବିନା ଅନୁମତିରେ କୋଚିଂ ସେଣ୍ଟର ସ୍ଥାନାନ୍ତରିତ ହୋଇପାରିବ ନାହିଁ । ଯଦି କୌଣସି ସଂସ୍ଥା ଉପରୋକ୍ତ ମାର୍ଗଦର୍ଶିକାକୁ ଅବମାନନା କରେ ତେବେ ପ୍ରଥମଥର ଅବମାନନା ଲାଗି ଆର୍ଥିକ ଦଣ୍ଡ ବାବଦରେ ୨୫,୦୦୦ ଟଙ୍କା , ଦ୍ୱିତୀୟ ଥର ଅବମାନନା ଲାଗି ପୁର୍ନବାର ୧,୦୦,୦୦୦ ଟଙ୍କା ଏବଂ ତୃତୀୟ ଥର ଲାଗି ଏହାକୁ ଅବମାନନା କଲେ ସଂପୃକ୍ତ ସଂସ୍ଥାର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତି ନେଇଛନ୍ତି ଭାରତ ସରକାର। ଏହାର ସଫଳ ରୂପାୟନ ସଠିକ ଭାବେ ହୋଇ ପାରିଲେ କେନ୍ଦ୍ର ସରକାର ଜାରି କରିଥିବା ଏହି ମାର୍ଗଦର୍ଶିକା ନିଶ୍ଚିତ ରୂପେ ଛାତ୍ରଛାତ୍ରୀମାନଙ୍କୁ ଦୂରନ୍ତର ଦିଗବଳୟକୁ ଦୃଶ୍ୟମାନ କରାଇବ । ବାକି ସମୟ କହିବ ଏହାର ପୂର୍ଣ୍ଣାଙ୍ଗ ରୂପରେଖ କଣ ହେଉଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜ୍ୟୋତିରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବେତନଟୀ, ୧୭/୩ (ନି.ପ୍ର): ବାରିପଦାରୁ ବାହାରିଥିବା ବଳାଙ୍ଗୀ ମହୋତ୍ସବ କମିଟିର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଆଜି ମଧ୍ୟାହ୍ନରେ ବେତନଟରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ପ୍ରଥମେ ରଥକୁ ବଜାର ପରିକ୍ରମା କରାଯାଇ ବେତନଟୀ ଡାକବଙ୍ଗଳା ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ରଞ୍ଜନ କୁମାର ମହାନ୍ତିଙ୍କର ସ୍ମୃତିଚାରଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସାମ୍ବାଦିକ ସଂଘର ଉପଦେଷ୍ଟା ଅଜୟ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସଭାରେ ଅତିଥି ଭାବରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ଅଧକ୍ଷ ଅରବିନ୍ଦ ଦାସ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ବଳାଙ୍ଗୀ ସେନା ଉଦୟନାଥ ଜେନା, ଇନ୍ଦୁମତୀ ମହାନ୍ତି, କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ଶିକ୍ଷକ ଦୀପକ କୁମାର ପାତ୍ର, ସମାଜସେବୀ ଅଞ୍ଜନା ଚେହେରା, ପ୍ରାକ୍ତନ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ, କବି ସଙ୍ଗମର ସଭାପତି ବାସୁଦେବ ନାପିତ ପ୍ରମୁଖ ଉପସ୍ଥିତ ରହି ମୟୁରଭଞ୍ଜ ମାଟିର କଳା, ସଂସ୍କୃତି ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ସିଭିଲ ସୋସାଇଟିର କୋଷାଧକ୍ଷ ହରେନ୍ଦ୍ର ବାରିକ, ରବୀନ୍ଦ୍ରନାଥ ଖଟୁଆ, ବିଜେପି ମଣ୍ଡଳ ସଭାପତି ରାଜକିଶୋର ଶାହା, ଓକିଲ ସଂଘର ସମ୍ପାଦକ ପ୍ରବୀର କୁମାର ବାରିକ, ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ, ସାମ୍ବାଦିକ ଶାନ୍ତନୁ କୁମାର ପଣ୍ଡା, କେଶବ ନାଥ, ଏମପିସି ହାଇସ୍କୁଲ ପରିଚାଳନା କମିଟିର ସଭାପତି ତପନ କୁମାର ପରିଡା, ଶିକ୍ଷକ ସଞ୍ଜୟ ମଟୁଆଳ, ଯୁବ ସମାଜସେବୀ ମନୋଜ କୁମାର ପଣ୍ଡା, ଯୁବନେତା ସୌମ୍ୟ ମହାପାତ୍ର, ରାଜେନ୍ଦ୍ର ଦାସ, କିଶୋର କୁମାର ନାଥ, ପ୍ରଦୀପ ମହାପାତ୍ର, ହରେନ୍ଦ୍ର ବେହେରା, ସାନ୍ତନୁ ନାୟକ, ପଦ୍ମମାଳୀ ମହିଳା ସଙ୍ଗଠନର ଅନିନ୍ଦିତା ସାହୁ, ମନୋରମା ସାହୁ, ମନିଲତା ବଳା , ମିନତୀ ସାହୁ, କୁମୁଦିନୀ ମହାନ୍ତ ଓ ମମତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦାଦନ ଦୁଃଖ: ୫ ଦିନ....

କମ୍ପାନୀ ପକ୍ଷରୁ ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ହେଲେ ମୃତଦେହ ଘରକୁ କେମିତି ଫେରିବ ସେ ନେଇ କମ୍ପାନୀ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନି। ଯେଉଁଥିପାଇଁ ୫ ଦିନ ହେଲା ସେଠାରେ ମୃତଦେହ ପଡ଼ି ରହିଛି। ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗତ ଦୁଇ ମାସ ଭିତରେ ନାରାୟଣପାଟଣା ଅଞ୍ଚଳରୁ ୩ ଜଣ ଦାଦନ ଖଟିବାକୁ ଯାଇ ମୃତ୍ୟୁ ବରଣ କରିଛନ୍ତି। ହେଲେ ସେମାନଙ୍କ ମୃତଦେହ ଘରକୁ ଫେରିନି। ଏପରିକି ମୃତକଙ୍କ ପରିବାରକୁ କମ୍ପାନୀ ପୋକ୍ଷରୁ କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି।

### ଇଡି ଅଧିକାରୀ କହି ....

ଯେଉଁଠି ଇଡି ରେଡ୍ ହେଉଥିଲା ସେଠି ଏମାନେ ପହଞ୍ଚି ଯାଉଥିଲେ। ସରକାରୀ ଅଧିକାରୀ କିମ୍ବା ଯେଉଁ ଲୋକଙ୍କ ଘରେ ଇଡି ରେଡ୍ ହେଉଥିଲା ସେଠାରେ ଏମାନେ ମିଛ ଯାଞ୍ଚ କରୁଥିଲେ। ମିଛ କେସର ଧମକଚମକ ଦେଇ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଝାଡ଼ଖଣ୍ଡ ରାଞ୍ଚିରେ ଏମାନେ ରହୁଥିଲେ। ବେଶ୍ ଲଗ୍‌ଜୁରୀ ଲାଇଫ ବଞ୍ଚୁଥିଲେ ଏମାନେ। କାହାକୁ ସନ୍ଦେହ ଯେପରି ହେବନି ସେଥିପାଇଁ ଏକ ଏନଜିଓ ଚଲାଇଥିଲେ। ପରେ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଠକିବାକୁ ଚେଷ୍ଟା କରି ଶେଷରେ ଏମାନେ ଧରା ପଡିଛନ୍ତି। ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହନ୍ତଙ୍କ ଅଭିଯୋଗ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ଏହି ଦୁଇ ନକଲି ଇଡି ଅଧିକାରୀଙ୍କୁ ଗିରଫ କରିଛି। ଏମାନଙ୍କୁ ଗିରଫ କରିବା ପରେ ୧୬ ଲକ୍ଷରୁ ଅଧିକ ଟଙ୍କାର ଟ୍ରାଞ୍ଜାକସନ୍ ହୋଇଥିବା ଜାଣିବାକୁ ପାଇଛି ପୁଲିସ। ଦୁଇ ଅଭିଯୁକ୍ତଙ୍କ ପାଖରୁ ବ୍ୟାଙ୍କ ପାସବୁକ, ନକଲି ଇଡି ପରିଚୟ ପତ୍ର, ୧୭ଟି ଏଟିଏମ କାର୍ଡ ଜବତ କରାଯାଇଛି।

### ଅଭୟାରଣ୍ୟରେ ଚାଲିଥିଲା ...

ଏହାର ଆନୁମାନିକ ମୂଲ୍ୟ ୭ କୋଟି ୭୦ ଲକ୍ଷ ହେବ। ତାପୂର୍ବରୁ ଗତ ଫେବ୍ରୁଆରୀ ୨୪ ତାରିଖରେ ଶିମିଳିପାଳ କୋର ଏରିଆରେ ୨୬ ଲକ୍ଷର ଅଫିମ ଗଛ ନଷ୍ଟ କରାଯାଇଥିଲା। ମାତ୍ର ଦୁଇ ମାସ ମଧ୍ୟରେ ପାଖାପାଖି ୨୦ କୋଟି ଟଙ୍କାର ଅଫିମ ନଷ୍ଟ ହେଲାଣି। ହେଲେ ପୁଲିସ ଓ ବନ ବିଭାଗ ଅଫିମ ମାଫିଆମାନଙ୍କୁ ଧରିବାରେ ବିଫଳ ହୋଇଛି।

### ଜେଲ୍ ଗଲେ ....

ତାଙ୍କୁ ଗିରଫ କରି ସୁରଜପୁର କୋର୍ଟରେ ହାଜର କରାଯାଇଥିଲା। ଏଠାରେ କୋର୍ଟ ଏଲଭିଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ୟୁଟ୍ୟୁବରଙ୍କ ଗିରଫଦାରୀ ପରେ ତାଙ୍କର ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ସେ ପୁଲିସ ଟିମ୍ ସହ ହସୁଥିବା ନଜର ଆସିଛନ୍ତି। ଏଲଭିଶ ଯାଦବଙ୍କ ଆଗକୁ ଅଡୁଆ ବଢ଼ିପାରେ ବୋଲି କୁହାଯାଉଛି। ଏନ୍‌ଡିପିସି ଆକ୍ଟ ଅଧିନରେ ତାଙ୍କୁ ୧୦ ବର୍ଷ ଯାଏଁ ଜେଲ୍ ହୋଇପାରେ। ଗତ ବର୍ଷ ସାପ ବିଷ ମାମଲାର ଖୁଲାସା ପରେ ନୋଏଡା ପୁଲିସ ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥିମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାହୁଲ, ଟିଟୁନାଥ, ଜୟ କରଣ, ନାରାୟଣ ଏବଂ ରବିନାଥ। ବିଜେପି ନେତା ମନେକା ଗାନ୍ଧୀଙ୍କ ପଶୁ କଲ୍ୟାଣ ସଂଗଠନ 'ପିଏଫ'ର ଉଦ୍ୟମରେ ଏହି ପାଞ୍ଚଜଣଙ୍କୁ ଗିରଫ କରାଯାଇଥିଲା। ଏହା ପରେ ରାହୁଲ ଏଲଭିଶଙ୍କ କାରନାମା ବିଷୟରେ ପ୍ରକାଶ କରିଥିଲେ। ସେତେବେଳେ ପୁଲିସ ୟୁଟ୍ୟୁବରଙ୍କୁ ଅନେକ ଥର ପଚରାଉଚରା ପାଇଁ ଡାକିଥିଲା, କିନ୍ତୁ କୌଣସି ଗିରଫଦାରୀ ହୋଇପାରି ନଥିଲା। ଏଲଭିଶ ଯାଦବ ରେବ୍ ପାର୍ଟି ପାଇଁ ସାପର ବିଷ ସପ୍ଲାଏ କରୁଥିଲେ ଏବଂ ତାଙ୍କ ଭିଡିଓ ସୁଟ୍ ପାଇଁ ସାପ ମଧ୍ୟ ବ୍ୟବହାର କରୁଥିବା ଅଭିଯୋଗ ରହିଛି।

# ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ସମ୍ବନ୍ଧରେ ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ

ବାରିପଦା, ୧୭/୩ (ନି.ପ୍ର): ଜିଲ୍ଲା ନିର୍ବାଚନ ଅଧିକାରୀ ତଥାଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ (ଭା.ପ୍ର.ସେ.)ଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷ ଠାରେ ଆଜି ଅପରାହ୍ନ ୧୨ ଘଟିକା ସମୟରେ ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ପ୍ରତିନିଧିଙ୍କ ସମେତ ଆରକ୍ଷୀ ଅଧିକ୍ଷିକା ଏସ ସୁଶ୍ରୀ (ଭା.ପୋ.ସେ.), ଅ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ବିଭୂତି ଭୂଷଣ ନାୟକ (ଭା.ପ୍ର.ସେ), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଓ.ପ୍ର.ସେ.(ବ.ଶ୍ରେ.), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ,ଓ.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର,ଓ.ପ୍ର.ସେ., ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ଓ.ପ୍ର.ସେ., ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଶ୍ରୀ ଦୁର୍ଗା ଚରଣ ମୁର୍ମୁ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ, ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗଠନମୂଳକ ଯୋଗଦାନ ଦେଇଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଏସ ସୁଶ୍ରୀ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିଲେ। ପରିଶେଷରେ ଶ୍ରୀ ଶିନ୍ଦେ ଉପସ୍ଥିତ ସମସ୍ତ ରାଜନେତା ଯଥା- ଆମ ଆଦମୀ ପାର୍ଟିର ମୁଷୁଙ୍ଗି ସିଂ, ବହୁଜନ ସମାଜବାଦୀ ପାର୍ଟିର ଜାତିଓ ସଙ୍ଗ, ବିଜେପିର କେ ସୋରେନ, କଂଗ୍ରେସ ର ସ୍ୱରୂପ ମିଶ୍ର ଏବଂ ବିଜେଡି ର ଶୈଳେନ୍ଦ୍ର ପତ୍ରଙ୍କୁ ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତି ପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଯୋଗ ମହୋତ୍ସବ ସମିତିର କାର୍ଯ୍ୟକାରୀ ବୈଠକ

ବାଲେଶ୍ୱର, ୧୭/୩ (ନି.ପ୍ର): ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ଏକ କାର୍ଯ୍ୟକାରୀ ବୈଠକ ସ୍ଥାନୀୟ ମଣ୍ଡଳ ବଜାର ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ମହାତ୍ସବ ସମିତିର ବିଭିନ୍ନ ବ୍ଲକ ଓ ମ୍ୟୁନସିପାଲଟି ଗୁଡ଼ିକରେ ପୁର୍ନଗଠନ ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ଜିଲ୍ଲା କମିଟିର ସଦସ୍ୟ ତଥା ଗୁରୁକୂଳ ଆଶ୍ରମ ଆଚାର୍ଯ୍ୟ ବିଜୟନୀ ଆରଆରଏସର ସକ୍ରିୟ ସଦସ୍ୟ ଗୋପାଳ ନାୟକ, ଯୋଗ ମହୋତ୍ସବ ସମିତି ଜିଲ୍ଲା କମିଟିର ଉପସଭାପତି ଶ୍ରୀମତୀ ଦମୟନ୍ତୀ ମହାପାତ୍ର, ସଦର ବ୍ଲକ କମିଟିର ଅର୍ଚ୍ଚନା କର, ସ୍ନେହଲତା ଦାସ, ପାର୍ଥ ପ୍ରତିମ କର, ଅନିତା ମିତ୍ର, ଅଜୟ ଚୌଧୁରୀ, ଦେବାଶୀଷ ନାୟକ, ହରିପ୍ରିୟା ରଣା, ରୀତା ରାଉତ ପ୍ରଭୃତି ଭାଗ ଦେଇଥିଲେ । ବାଲେଶ୍ୱର ସହରର ଦର୍ଜୀ ପୋଖରୀ ଯୋଗକେନ୍ଦ୍ର, ଲକ୍ଷ୍ମୀନାରାୟଣ ମନ୍ଦିର ଯୋଗ କେନ୍ଦ୍ର କାଳୀ ମନ୍ଦିର ଯୋଗକେନ୍ଦ୍ର, ଘୋଷବାଡ

ଧ୍ୱନି ପ୍ରତିଧ୍ୱନି



# ଗରସଙ୍ଗରେ ବସନ୍ତ ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ

ଖଇରା, ୧୭/୩ (ନି.ପ୍ର): ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ରାମଚନ୍ଦ୍ର ସରକାରୀ ହାଇସ୍କୁଲ ପରିସରରେ ରବିବାର ଦିନ କବିତା ପାଠ,ସାହିତ୍ୟ ଚର୍ଚ୍ଚା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାବିତ କୃଷ୍ଣଚନ୍ଦ୍ର ଖିଲାର ଉଦଘାଟନ କରିଥିଲେ । ଖଇରା ସାହିତ୍ୟ ସଂସଦ ଓ କୁପାରୀ ମା ଅମ୍ବିକା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବର୍ଷିଆନ କବି ମାୟାଧର ନାୟକ ସଭାପତିତ୍ୱ କରିଥିଲେ । ଖଇରା ସାହିତ୍ୟ ସଂସଦର ପ୍ରତିଷ୍ଠାତା ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟଅତିଥି,ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଓଡିଆ ଅଧ୍ୟାପକ ବନମାଳୀ ଉପାଧ୍ୟାୟ,ଭରତ ଚନ୍ଦ୍ର ଦାସ, ସଂସ୍କୃତ ଅଧ୍ୟାପକ ବିଜୟ କୁମାର ବେହେରା,ଡା ଉମେଶ ଚନ୍ଦ୍ର ମହାନ୍ତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ସାହିତ୍ୟରେ ବସନ୍ତ ର ସ୍ପର୍ଶ ଉପରେ ନିଜର ମତ ଉପସ୍ଥାପନ କରିଥିଲେ । କବି ଅନନ୍ତ କିଶୋର ଉପାଧ୍ୟାୟଙ୍କ ଦ୍ୱାରା ରଚିତ ଶିଶୁ କବିତା ସଙ୍କଳନ "ହେବାରେ ଜଗତ ଜିତା" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉପସ୍ଥିତ ୫୦ରୁ ଅଧିକ କବିତା ପାଠ କରାଯାଇଥିଲା । ଗରସଙ୍ଗ ଗ୍ରାମରୁ ବହୁ ସାରସ୍ୱତ ସାଧକ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୂପସା ରେଳ ଜଙ୍କସନ ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ

## ■ବିକାଶ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ
## ■ଏପ୍ରିଲରେ ଆନ୍ଦୋଳନ ଚେତାବନୀ

ବସ୍ତା, ୧୭/୩ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଜଙ୍କଶନ ଓ ଷ୍ଟେସନରେ ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଛି ।ଏ ସମ୍ପର୍କରେ ବାରମ୍ବାର ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ ସମାଧାନ ହୋଇପାରୁନାହିଁ । ରବିବାର ରୂପସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରୂପସାସ୍ଥିତ ଶ୍ରୀଜଗନ୍ନାଥ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପରିଷଦର ସଭାପତି ଭଗବାନ ମହାପାତ୍ର ଅଧ୍ୟକ୍ଷତା କରି ଷ୍ଟେସନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଉପଦେଷ୍ଟା ବରଦାପ୍ରସନ୍ନ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁଧାକର ଗିରି, ଉପ ସଭାପତି ନିରଞ୍ଜନ ପଣ୍ଡା ଶର୍ମା ଓ ଏମପି ପ୍ରତିନିଧି ଶୁଭେଶ ନାୟକ ମଞ୍ଚାସିନ ହୋଇ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାନଗଲେ ଆସନ୍ତା ଏପ୍ରିଲ ମାସରେ ରେଳରୋକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । ଗତ ଜାନୁଆରୀ ମାସରେ ବାଲେଶ୍ୱର ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ରୂପସା ଆଞ୍ଚଳିକ ବିକାଶ ପରିଷଦ ଓ ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା । ରୂପସା ଷ୍ଟେସନରେ ପୂର୍ବ ଭଳି ଡ଼ାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନର ରହଣି,ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା,ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଷ୍ଟେସନର ଉତ୍ତର କେବିନ ଠାରେ ଖୁବଶୀଘ୍ର ପ୍ରସ୍ତାବିତ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା,ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନର ରହଣି ହେବା ଏବଂ ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେସିନ ସ୍ଥାପନ କରିବା, କୋଭିଡ ପୂର୍ବ ସମୟ ସାରଣୀ ମୁତାବକ ମେମୋ ଟ୍ରେନ ଚଳାଚଳ କରିବା, ପାସେଞ୍ଜର ଟ୍ରେନର ଭଡା ପୂର୍ବ ଭଳି ଲାଗୁ ହେବା, ଭଗବାନପୁର ରେଳ ଫାଟକ ଠାରୁ ବାମଡା ଫାଟକ ପର୍ଯ୍ୟନ୍ତ ଉତ୍ତର ପାର୍ଶ୍ୱରେ ସ୍ଥାୟୀ ରାସ୍ତା ନିର୍ମାଣ ହେବା ସମ୍ପର୍କିତ ଏକ ଦାବିପତ୍ର ଡିଆରଏମଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରର ଅବିକଳ ନକଲ କେନ୍ଦ୍ର ରେଳ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବିଧାୟକ, ଜିଲାପାଳ, ରେଳବାଇ ଜେନେରାଲ ମ୍ୟାନେଜରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ପରିଷଦର ଉପ ସଭାପତି ପ୍ରଫୁଲ୍ଲ କୁମାର ଜେନା, କୋଷାଧକ୍ଷ ଅନନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଜଗଦୀଶ ପଟ୍ଟନାୟକ ଓ ଗୋପାଳ ଚନ୍ଦ୍ର ସାହୁ,ସମ୍ପାଦକ ବାଞ୍ଛାନିଧି ଦେ, ପୂର୍ବତନ ସମିତି ସଭାପତି ହରେନ୍ଦ୍ର ଦାସ, ରାଧାକୃଷ୍ଣ ବେହେରା, ଫକୀର ମୋହନ ପ୍ରଧାନ ,ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର,ଚକ୍ରଧର ଆଚାର୍ଯ୍ୟ, ଜଗନ୍ନାଥ ସ୍ୱାଇଁ, ଉମାକାନ୍ତ ରଣା, ବିଧାନ ଚନ୍ଦ୍ର ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ବାରିକ ଙ୍କ ସମେତ ସ୍ଥାନୀୟ ୭ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ବଡ଼ସାହି ବ୍ଲକରେ ସମ୍ବର୍ଦ୍ଧନା

ବଡ଼ସାହି , ୧୭/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି,ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇଆସୁଥିବା ବଳାଙ୍ଗୀ ମହୋତ୍ସବ ଜିଲ୍ଲାର ୪ଟି ଉପଖଣ୍ଡର ଲୋକଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ଏକତାସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଆସୁଛି ।ଏହି ପରିପ୍ରେକ୍ଷୀରେ ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଓ ସାଂସ୍କୃତିକ ଜାଗରଣ ଯାତ୍ରା ଜିଲ୍ଲା ପରିକ୍ରମା କରି ଅନ୍ତିମ ଦିନ ପ୍ରଥମେ ବଡ଼ସାହି ବ୍ଲକର ଅତିତରେ ମୟୂରଭଞ୍ଜର ରାଜଧାନୀ ହରିପୁର ଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଯୁବ ସମାଜ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଏକତ୍ରିତ ହୋଇ ଏହି ଯାତ୍ରାକୁ ବିପୁଳ ସ୍ୱାଗତ କରିଥିଲେ । ଦ୍ୱିତୀୟରେ ବଡ଼ସାହି ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଠାରେ ଉକ୍ତ ଜ୍ୟୋତିକୁ ଭବ୍ୟ ସମ୍ବର୍ଦ୍ଧନା ସହିତ ବାଣୀପୀଠର ଅଧକ୍ଷ ଡ଼କ୍ଟର କୁମାର ବାବୁଲି, କବି କାର୍ତ୍ତିକ ସେଠୀ, ମାନସ କୁମାର ଲେଙ୍କା, ଶୁଭଜିତ ଶୁଭଙ୍କର ଓ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ମୟୂରଭଞ୍ଜର ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ବାଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ସହିତ ବାଇକ୍ ଶୋଭାଯାତ୍ରା ଜରିଆରେ ମୟୁରଭଞ୍ଜ ମାଟିର ଅବକ୍ଷୟମୁଖୀ ଭାଷା, ସାହିତ୍ୟ, କଳା, ସଂସ୍କୃତି, ପର୍ଯ୍ୟଟନର ସୁରକ୍ଷା ଏହାର ଗୌରବ ଫେରାଇ ଆଣିବାକୁ ଜିଲ୍ଲାବାସୀଙ୍କ ନୈତିକ କର୍ତ୍ତବ୍ୟ ବୋଲି ଆଲୋଚନା ହୋଇଥିଲା । ତୃତୀୟରେ ଭଞ୍ଜ ମାଟିର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ପରିଚ୍ଛା ପ୍ରଦୀପ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ସାଂସ୍କୃତିକ ଜାଗରଣ ଯାତ୍ରା ଓ ଜ୍ୟୋତି ପରିକ୍ରମା ସହିତ ମୟୁରଭଞ୍ଜ ଜିଲ୍ଲାର ପରମ୍ପରା, ସାହିତ୍ୟ, ସଂସ୍କୃତି ବିଷୟରେ ଅଭିଭାଷଣ ରଖିଥିଲେ ।

# ଆଦିବାସୀ ମୋର୍ଚ୍ଚାର ବୈଠକ ଓ ମିଶ୍ରଣ ପର୍ବ

ଉଦଳା , ୧୭/୩ (ନି.ପ୍ର): ଉଦଳା ସଦର ଓ ଦେବକୁଣ୍ଡ ମଣ୍ଡଳ ଆଦିବାସୀ ମୋର୍ଚ୍ଚା ତରଫରୁ ସ୍ଥାନୀୟ ଭାରତୀୟ ଜନତାପାର୍ଟି କାର୍ଯ୍ୟାଳୟ ପରିସରରେ ଚଳିତ ମାର୍ଚ୍ଚ ୧୬ ତାରିଖ ଶନିବାର ଦିନ ଏକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଂପାଦକ ରୁପେଶ କୁମାର ଗିରି ଅଜିର ଏହି ମିଶ୍ରଣ ପର୍ବର ନେତୃତ୍ୱ ନେବା ସହ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟିରୁ ଅଧିକ ଭାରତୀୟଙ୍କୁ ମାଗଣା ରାସନ ବିତରଣ କରାଯାଇଛି । ଯେଉଁଥିରେ ଓଡ଼ିଶାରେ ୩କୋଟି ଲୋକ ଲାଭ ପାଇଛନ୍ତି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଜିତେନ୍ଦ୍ର ଦତ ଓ ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି କାଳିଚରଣ ନାୟକ ଆଜିର କାର୍ଯ୍ୟକ୍ରମରେ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ୫୩ଲକ୍ଷ ଉଠା ଦୋକାନିକୁ ଋଣ ଦିଆଯାଇଥିବା ବେଳେ ଓଡ଼ିଶାରେ ୫୭ ହଜାର ବ୍ରବସାୟି ଲାଭ ପାଇଛନ୍ତି ବୋଲି କହିଥିଲେ । ଜିଲ୍ଲା ଉପସଭାପତି ମମତା ସାହୁ ଓ ଉଦଳା ଏନ୍ଏସି ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ଓଡ଼ିଆ ଝିଅ ମାନନୀୟା ଦ୍ରୌପଦି ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି, ଜଣେ ରାଜ୍ୟପାଳ, ୩ ଜଣ କେନ୍ଦ୍ର ମନ୍ତ୍ରୀ, କେନ୍ଦ୍ର ସରକାରଙ୍କ ଅନେକ ପ୍ରଶାସନିକ ପଦରେ ଆଜି ଓଡ଼ିଆ ମାନେ, ପଦ୍ମ ପୁରସ୍କାରରେ ୪୪ ଜଣ ଓଡ଼ିଆ ସମ୍ମାନିତ । ସେଥିପାଇଁ ଆମେ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ନୂଆକରି ଭାରତୀୟ ଜନତା ପାର୍ଟିରେ ଯୋଗଦେବାକୁ ଆସିଥିବା ବହୁସଂଖ୍ୟାରେ ପୁରୁଷ ଓ ମହିଳାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଶୁଭ ଆବିର୍ଭାବ ଅବସରରେ ବିରାଟ ସତସଙ୍ଗ ଅନୁଷ୍ଠିତ

ନୀଳଗିରି , ୧୭/୩ (ନି.ପ୍ର): କର୍ମମୟ, ସାଂସାରିକ ଜୀବନରେ ବିପଥଗାମୀ ମାନବକୁ ସଂସାର ରୂପି ଭବସାଗରରୁ ମୁକ୍ତି ପାଇଁ ଯୁଗେ ଯୁଗେ ମହାମାନବଙ୍କ ଅବତାର ଘଟିଛି । ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ଏହି ଅବତାରୀ ପୁରୁଷ ସମାଜକୁ ଦିଗଦର୍ଶନ ଦେବା ସହିତ ଶୃଙ୍ଖଳିତ ମାର୍ଗରେ ପଥପ୍ରଦର୍ଶନ କରିଛନ୍ତି। ସେହିପରି ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଧରାବତରଣ ମାନବ ସଭ୍ୟତାକୁ ସଠିକ୍ ମାର୍ଗରେ ପଥ ପ୍ରଦର୍ଶନ କରିଛି। ଏହି ଅବତାରି ପୁରୁଷଙ୍କ ୧୩୬ତମ ଶୁଭ ଆବିର୍ଭାବ ଦିବସକୁ ନୀଳଗିରି ବ୍ଲକ ରାଜ ବରହମପୁର ଗ୍ରାମ ବାବା ସ୍ୱପ୍ନେଶ୍ୱର ଶିବମନ୍ଦିର ପ୍ରାଙ୍ଗଣ ସତସଙ୍ଗ ପରିସରରେ ଅନୁଗାମୀ ମାନଙ୍କ ଦ୍ୱାରା ରବିବାର ୧୧ ସମୟରେ ବିରାଟ ସତସଙ୍ଗର ଆୟୋଜନ ହୋଇଥିଲା। ପ୍ରଭାତରେ ନାମ ସଙ୍କୀର୍ତ୍ତନ ସହ ନଗରସଙ୍କୀର୍ତ୍ତନ ପରେ ସମବେତ ଗୁରୁ ଭାତୃଭଗ୍ନୀ ମାନେ ସହଂଗରେ ସମ୍ମିଳିତ ହୋଇ ଶ୍ରୀ ଶ୍ରୀ ଗୁରୁଦେବଙ୍କ ନାମାମୃତ ଶ୍ରବଣ କରିଥିଲେ। ଉକ୍ତ ସତସଙ୍ଗ କାର୍ଯ୍ୟକ୍ରମରେ ସହ ପ୍ରତିରତିକ ଗଙ୍ଗାନାରାୟଣ ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ସହ ପ୍ରତିରତିକ ନୃସିଂହ ଚରଣ ସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଜୀବନାଦର୍ଶ ଏବଂ ତାଙ୍କର ପ୍ରରମ ପ୍ରେମମୟ ବାଣୀର ଅବଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ସାହୁ, ସୋମନାଥ ବେହେରା, ଦିଲ୍ଲୀପ ସ, ରଜନୀକାନ୍ତ ସାହୁ, ଦୁଷ୍ମନ୍ତ କୁମାର ମିଶ୍ର, ଦେବେନ୍ଦ୍ର ନାୟକ ସାରଙ୍ଗଧର ସାହୁ, ନିରଞ୍ଜନ ବେହେରା, ସନ୍ତୋଷ କୁମାର ବେହେରା, ଯଜ୍ଞେଶ୍ୱର ବେହେରା, କୈଳାସ ପୃଷ୍ଟି, ବୁନୁ ପ୍ରବୋଧ, ତିଳଭୋମା ମାଆ ପ୍ରମୁଖ ପାଞ୍ଚଶହରୁ ଉର୍ଦ୍ଧ ଗୁରୁଭାଇ, ଭଉଣୀ ଉପସ୍ଥିତ ଥିଲେ।

# ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ଷୋଡଶ ବାର୍ଷିକ ଉତ୍ସବ

ବାଲିଆପାଳ, ୧୭/୩ (ନି.ପ୍ର): ତିନି ସେନା ବାହିନୀର ଅବସର ପ୍ରାପ୍ତ ସୈନିକଙ୍କ ପ୍ରତି ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଏବେ ଉଦାସୀନ। ସେମାନଙ୍କର ଭତ୍ତା, ଚାକିରୀରେ ସଂରକ୍ଷଣ, ବିଧାନ ସଭା, ଲୋକସଭାରେ ପ୍ରତିନିଧିତ୍ୱ , ୫ମ ଓ ୬ଷ୍ଠ ବେତନ କମିଶନଙ୍କ ସୁପାରିଶ ଅନୁସାରେ ଦରମା ଓ ଭତ୍ତା ପ୍ରଦାନ ଆଦି ସୁବିଧା ସୁଯୋଗ ପ୍ରଦାନରେ ବରଂବାର ଦାବି ସତ୍ତ୍ୱେ ସରକାର ଦୃଷ୍ଟି ନ ଦେବା ବିଡମ୍ବନା, ଏଥିପାଇଁ ପୂର୍ବତନ ସୈନିକମାନଙ୍କୁ ଏକଜୁଟ ହୋଇ ସଂଗ୍ରାମ କରିବାକୁ ପଡ଼ିବ ବୋଲି ବାଲିଆପାଳ ବ୍ଲକ କଟୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ଷୋଡଶ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସେନା ଅଧିକାରୀ କମଳ ଲୋଚନ ପିଳାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ମନୋଜ କୁମାର ସି ଅତିଥି ପରିଚୟ , ସନ୍ୟାସୀ ବେହେରା ବେଦ ପାଠ , ସାଧାରଣ ସମ୍ପାଦକ ରାଧାନାଥ ରାଉତ ବିବରଣୀ ପାଠ କରି ଥିଲେ। ମୁଖ୍ୟ ଅତିଥି ଭାବେ ସଂଗଠନର ଜାତୀୟ ସଂଯୋଜକ ବୀର ବାହାଦୂର ସିଂ, ମୁଖ୍ୟ ବକ୍ତା ଭାବେ ସଂଗଠନର ରାଜ୍ୟ ସମ୍ପାଦକ ବିଦ୍ୟାଧର ନାୟକ, ସମ୍ମାନିତ ଅତିଥି ଭାବରେ କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ ଅବଦାନ ପାଇଁ ପୂର୍ବତନ ସୈନିକ ମନୋଜ କୁମାର ସି , ରାମଚନ୍ଦ୍ର ଜେନା, ଜୟୀରାମ ପାତ୍ର, ଅଜୟ ଦାସ ଅଧିକାରୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ଚକ୍ରବର୍ତ୍ତୀ, ପ୍ରକାଶ ସାହୁ, ଦୈ ରାମ ପାତ୍ର, ରାମ ଚନ୍ଦ୍ର ବେହେରା, ଭୀମ ଚରଣ ବେହେରା, ପ୍ରମୋଦ କୁମାର ସିଂ, ରାଜ କିଶୋର ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ପୂର୍ବତନ ସୈନିକ ଚୈତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କେତେ ଜଣ ପୂର୍ବତନ ସୈନିକଙ୍କ ମୃତ୍ୟୁ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲିଆପାଳ ୧୭/୩(ନି ପ୍ର) ସୃଜନିକା, ସାରସ୍ୱତ ସହର ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଏପ୍ରିଲ ପହିଲା ଦିନ ଉତ୍କଳ ଦିବସ ପାଳନ କରାଯିବ। ଏଥିପାଇଁ ବ୍ଲକ ଛକ ନିକଟ ରାଜା ରାଣୀ ଛକ ସ୍ଥିତ ଶ୍ରୀ ହରି ମଣ୍ଡଳଙ୍କ ବାସ ଭବନ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଦିବସ ପାଳନ ଅବସରରେ ସାଧାରଣ ସଭା, ପ୍ରଭାତ ଫେରି ଆଦି କାର୍ଯ୍ୟକ୍ରମ କରାଯିବ। ଶ୍ରୀ ହରି ମଣ୍ଡଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଜୟ କୁମାର ପାତ୍ର, ସୁବାସ ଚନ୍ଦ୍ର ଚୌଧୁରୀ, ବୀର ମାଧବ ଦାସ, ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ସନ୍ୟାସୀ ବେହେରା, ସଦାଶିବ ସେଠୀ, ଶିଶିର କୁମାର ମଣ୍ଡଳ, ଆରତୀ ପାତ୍ର, ସଞ୍ଜୁବାଳା ଦାସ ଅଧିକାରୀ, ଜୟନ୍ତୀ ପଣ୍ଡା, କବିତା ଦାସ , ସରିତା ପ୍ରଧାନ, ରାଜଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସନ୍ଧ୍ୟା ରାଣୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତର ଓଡ଼ିଶା ବିକାଶ ପରିଷଦକୁ ପୂର୍ଣ୍ଣଚନ୍ଦ୍ର ସାହୁ ଜଣାଇଲେ ସମର୍ଥନ

ଉଦଳା , ୧୭/୩ (ନି.ପ୍ର): ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ଥିବା ଜିଲ୍ଲା ଗୁଡ଼ିକର ବିକାଶ ପାଇଁ 'ପଶ୍ଚିମ ଓଡ଼ିଶା ବିକାଶ ପରିଷଦ' ଗଠନ କରିଛନ୍ତି । ଠିକ୍ ଏହି ଢ଼ାଂଚାରେ ଉତର ଓଡ଼ିଶାରେ ଅବସ୍ଥିତ ଜିଲ୍ଲା ଯଥା- ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଓ କେଉଁଝରର ବିକାଶ ପାଇଁ 'ଉତର ଓଡ଼ିଶା ବିକାଶ ପରିଷଦ' ଗଠନ ହେଉ ବୋଲି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସ୍ତାବକୁ ଉଦଳା ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ନାଗରିକ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ସମର୍ଥନ ଜଣାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯଦି ଏହା ଗଂନ ହୁଏ ତେବେ ମୋତେ କୌଣସି ଦାୟିତ୍ୱ ଦେଲେ